## ସଂକ୍ଷେପରେ

### ଶାନ୍ତିପୂର୍ଣ୍ଣ ଭାବେ ସରିଲା ସମିତି ବୈଠକ

**କର୍ଲାମୁଣ୍ଡା,୨୪।୫(ଡି.ଏନ.ଏ.):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଭା ଗୃହ ଠାରେ ବୁଧବାର ପଞ୍ଚାୟତ ସମିତି ବୈଠକ ବ୍ଲକ ଅଧକ୍ଷା କୁନି ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ନର୍ଲା ବିଧାୟକ ଭୂପିନ୍ଦର ସିଂହ, ଜିଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର ସିଂ, ଉପାଧକ୍ଷ ସୁରେନ୍ଦ୍ର ଭୋଇ, ସାଂସଦ ପ୍ରତିନିଧି ରାଜେନ୍ଦ୍ର ନାରାୟଣ ମିଶ୍ର, ବିଡ଼ିଓ ସୁଚରିତା ମୁଗ୍ରୀ, ଯୋଜ କ ଜିଲା ପରିଷଦ ସଭ୍ୟ ମହେନ୍ଦ୍ର ରଣା ଓ ଖ ଜୋନ ଜିଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀ, ସିଡିପିଓ ଗିରିଜା ଗୁଡଲା, ଭାରପ୍ରାପ୍ତ ଏଏଓ ଅରୁଣ କୁମାର ପାଢୀ, ବିଏସଏଓ ସସ୍ମିତା ପଟେଲ, ଏଇ ସନ୍ଦୀପ କୁମାର ନାଏକ, ଜିପିଇଓ ଯୁଗଳ କିଶୋର ନାଏକ, ଗ୍ରାମ୍ୟ ପାନୀୟ ଜଳ ପରିମଳ ମିଶନ ଏଇ ବିଭୂତି କିଷାନ, ଯନ୍ତ୍ରୀ ଅନୁସାୟା ଭଞ୍ଜ, ଖାଉଟି ଯୋଗାଣ ଅଧିକାରୀ ସନ୍ତାକାର ପ୍ରଧାନ, ମସ୍ୟ ବିଭାଗ ଅଧିକାରୀ ଶକ୍ତିକାନ୍ତ ବେହେରା,ଏବିଇଓ ରାମଚନ୍ଦ ସା, ସମସ୍ତ ସରପଞ୍ଚ ସମସ୍ତ ସମିତି ସଭ୍ୟା/ସଭ୍ୟମାନେ ଅଂଶଗ୍ରହଣ କରି ବିଭିନ୍ନ ପ୍ରକଳ୍ପଗୁଡିକ ଉପରେ ଆଲୋଚନା କରିଥିଲେ। ତେବେ ଏଥିରେ ବ୍ଲକ ଅଧକ୍ଷା କୁନି ସାହୁ ସମସ୍ତଙ୍କ ସହଯୋଗରେ କର୍ଲାମୁଣ୍ଡା ବ୍ଲକର ବିକାଶ କରିବା ସମ୍ଭବ ବୋଲି କହିବା ସହିତ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବୈଠକରେ ଆରଡି, ପିଡବ୍ଲ୍ୟୁଡି, ଜଙ୍ଗଲ ବିଭାଗର ଅଧିକାରୀମାନେ ଅନୁପସ୍ଥିତ ଥିବାରୁ ପଞ୍ଚାୟତ ପ୍ରତିନିଧିମାନେ ଅସନ୍ତୋଷ ପ୍ରକାଶ କରିଥିଲେ।

### ଭବାନୀପାଟଣାରେ ମିଲେଟ୍ ଶକ୍ତି ଆଉଟ୍‌ଲେଟ୍‌ର ଉଦ୍‌ଘାଟନ

**ଭବାନୀପାଟଣା,୨୪।୫(ସ୍ୱ.ପ୍ର):** ବଦଳୁଛି ମିଲ୍ଲେଟ୍ସରୁ ପ୍ରସ୍ତୁତ ଖାଦ୍ୟକୁ ପରସିବାର ଓ ଆପଣେଇବାର ଢାଞ୍ଚା। ୨୦୨୩ ମସିହାକୁ ଅନ୍ତର୍ଜାତୀୟ ମିଲେଟ ବର୍ଷ ଭାବରେ ଘୋଷଣା କରାଯାଇଛି। କିନ୍ତୁ ୫ ବର୍ଷ ପୂର୍ବରୁ ଓଡିଶା ସରକାର ଓଡିଶା ମିଲେଟ ମିଶନ ଜରିଆରେ ଖାଦ୍ୟଶସ୍ୟ ବା ମିଲେଟକୁ ପ୍ରୋତ୍ସାହନ ଦେବା ଓ ଏହାର ବ୍ୟବହାର ବୃଦ୍ଧି ନିମନ୍ତେ ଅବିରତ କାର୍ଯ୍ୟ କରି ଆସୁଛନ୍ତି। ଓଡିଶା ମିଲ୍ଲେଟ୍ସ ମିଶନ ସହାୟତାରେ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ବିଭିନ୍ନ ସହାୟତା ଜରିଆରେ ସମୃଦ୍ଧ କରି ଆସୁଅଛି। ଏହି ଅବସରରେ ଭବାନୀପାଟଣାରେ ବୁଧବାର ସନ୍ଧ୍ୟାରେ ଜିଲା ପରିଷଦ ପରିସରରେ ଏକ ମିଲେଟ ଶକ୍ତି ଆଉଟ୍ ଲେଟର ଉଦ୍‌ଘାଟନ ହୋଇଯାଇଛି। ଏହାକୁ ଜିଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର କୁମାର ସିଂହ ଦେଓ ଉଦଘାଟନ କରିଥିଲେ। ଏହି ମିଲେଟ ଶକ୍ତି ଆଉଟଲେଟର ପରିଚାଳନା କଲ୍ୟାଣି ସ୍ୱୟଂ ସହୟକ ଗୋଷ୍ଠୀ ଦ୍ୱାରା କରାଯିବାର ବ୍ୟବସ୍ଥା କରାଯାଇ ଅଛି। ଏହି ଅବସରରେ ଜିଲାପାଳ ପି.ଅନ୍ୱେଷା ରେଡ୍ଡୀ, ମୁଖ୍ୟ ଉନ୍ନୟନ ଅଧିକାରୀ ଓ ନିର୍ବାହୀ ଅଧିକାରୀ ଜିଲା ପରିଷଦ ସଚିନ୍ ପାୱାର, ଭବାନୀପାଟଣା ପୌରପାଳିକା ଅଧକ୍ଷା ସଂଯୁକ୍ତା ବେହେରା ପ୍ରମୁଖ ଯୋଗ ଦେଇଥିଲେ।

# ଅଧାପନ୍ତରିଆ ହୋଇ ପଡ଼ିରହିଛି ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ

**ପଲମ,୨୪।୫(ଡି.ଏନ.ଏ.)**

କଳାହାଣ୍ଡି ଜିଲା ନର୍ଲା ବ୍ଲକ୍ ଅଧିନସ୍ଥ ଘଣ୍ଟମାଲ ପଞ୍ଚାୟତସ୍ଥିତ ଇନ୍ଦ୍ରମାଲ ଗ୍ରାମରେ ନିର୍ମିତ ହୋଇଥିବା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ତିଆରି ହେଉଥିବା ରାସ୍ତା ଅଧପନ୍ତରିଆ ହୋଇ ପଡିରହିଛି। ପିଡବ୍ଲ୍ୟୁଡି ରାସ୍ତାଠାରୁ ଇନ୍ଦ୍ରମାଲ ଗ୍ରାମ ଯାଏଁ ୧.୭୫କି.ମି ରାସ୍ତା ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ୧,୧୩୮୮୩ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହୋଇଛି। ଠିକାଦାର ନିତେଶ କୁମାର ଜୈନ ରାସ୍ତା ନିର୍ମାଣ କରୁଥିବାବେଳେ ଗ୍ରାମର ଶେଷ ମୁଣ୍ଡ ଅର୍ଦ୍ଧେକାଂଶ ପିଚୁ ହୋଇଥିବାବେଳେ ଆରମ୍ଭରୁ ୫୦୦ମିଟର ରାସ୍ତା କଚା ରାସ୍ତା ହୋଇ ପଡିରହିଛି। ଭାରତ ସରକାରଙ୍କର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ଅନୁଦାନରେ ଏହି ରାସ୍ତା କାମ ୨୩।୩।୨୦୧୮ରେ ଆରମ୍ଭ



ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଅଧପନ୍ତରିଆ ହୋଇ ପଡ଼ିଛି।

ହୋଇଥିଲା। ଏହା ୨୨।୧।୨୦୨୦ରେ ସମାପ୍ତ ହୋଇସାରିଥିବା ସୂଚନା ଫଳକରେ ଉଲ୍ଲେଖ ରହିଥିବା ଦେଖିବାକୁ ମିଳୁଛି। କିନ୍ତୁ ରାସ୍ତା କାମ ଆଜି ପର୍ଯ୍ୟନ୍ତ ସମାପନ ହୋଇନାହିଁ। ଏହି ଅଧପନ୍ତରିଆ ରାସ୍ତା ବିଷୟରେ କେସିଙ୍ଗା ଆରଡି ଡିଭିଜନ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ମତାମତ ନେବାରୁ ସେ କହିଲେ, ୩୫୦ମିଟର ରାସ୍ତା ଖଣ୍ଡକ ନିର୍ମାଣ ନ ହୋଇ ବାକି ରହିଛି। ତାହା ଉକ୍ତ ଗ୍ରାମର ଜଣେ ବ୍ୟକ୍ତିଙ୍କ ବ୍ୟକ୍ତିଗତ ଜମି। ଉକ୍ତ ଜମି ମାଲିକଙ୍କୁ ଜମି ପ୍ରଦାନ କରିବା ନିମନ୍ତେ ବହୁବାର ବୁଝାସୁଝା କରିବା ସତ୍ତ୍ୱେ ମଧ ସେ ମାନିଲେ ନାହିଁ। ଶେଷରେ ଉକ୍ତ ବ୍ୟକ୍ତି ଜଣକ ବିଭାଗ ବିରୁଦ୍ଧରେ କୋର୍ଟରେ କେଶ ଦାଏର କଲେ। ଫଳରେ ରାସ୍ତା ଖଣ୍ଡକ ନିର୍ମାଣ ନ ହୋଇ ପଡିରହିଛି ବୋଲି କହିଥିଲେ।

ଆଜିକୁ ୩ବର୍ଷ ବିତି ଯାଇଥିଲେ ମଧ କୌଣସି ବିଭାଗୀୟ କର୍ମଚାରୀଙ୍କ ଦୃଷ୍ଟି ପଡୁନାହିଁ। ଆରଡି ବିଭାଗ ରାସ୍ତା କାମ ଆରମ୍ଭ କରିବା ପୂର୍ବରୁ ରାସ୍ତା ଖଣ୍ଡିକ ବ୍ୟକ୍ତିଗତ ଜମି ଅଛି ବୋଲି ଜାଣିପାରିଲେ ନାହିଁ କାହିଁକି ବୋଲି ପ୍ରଶ୍ନ ଉଠୁଛି। କାହିଁକି ଲକ୍ଷଲକ୍ଷ ଟଙ୍କା ଆତ୍ମସାତ କରାଗଲା ବୋଲି ଜନସାଧାରଣରେ ପ୍ରଶ୍ନ ଉଠୁଛି। ଏଣୁ ବିଭାଗୀୟ ଅଧିକାରୀଙ୍କ ଠିକାଦାରପୋଷା ନୀତି ବୋଲି ଜନସାଧାରଣରେ ଚର୍ଚ୍ଚା ହେଉଛି।

# ସମ୍ପନ୍ନ ହେଲା ଶିବପାର୍ବତୀଙ୍କ ବିବାହ ଉତ୍ସବ




ଶୀତଳ ଷଷ୍ଠୀରେ ସାମିଲ ଭକ୍ତ, ଶ୍ରଦ୍ଧାଳୁ।

**କେସିଙ୍ଗା,୨୪।୫(ଡି.ଏନ୍.ଏ.)**

**କେସିଙ୍ଗା ଧବଳେଶ୍ୱର ମନ୍ଦିର ପରିସରରେ ଶୀତଳ ଷଷ୍ଠୀ**

କଳାହାଣ୍ଡି ଜିଲା କେସିଙ୍ଗା ଧବଳେଶ୍ୱର ମନ୍ଦିର ପରିସରରେ ମହାଆଡ଼ମ୍ବରରେ ଏକ ଭକ୍ତିମୟ ପରିବେଶରେ ଶିବ ଓ ମାତା ପାର୍ବତୀଙ୍କ ବିବାହ ଉତ୍ସବ ଶୀତଳ ଷଷ୍ଠୀ ବୁଧବାର ସନ୍ଧ୍ୟାରେ ସମ୍ପନ୍ନ ହୋଇଯାଇଛି। ଏହି ଉତ୍ସବରେ ବାଜା ରୋଷଣୀ, ଡିଜେ ସହିତ ଶହ ଶହ ସଂଖ୍ୟାରେ ଭକ୍ତ ନଗର ପରିକ୍ରମା କରି ବରଯାତ୍ରୀ ସାଜି ମାତା ପାର୍ବତୀଙ୍କ ଘରକୁ ଯାଇ ଭୋଜିଭାତ ଖାଇ ଭଗବାନ ଶିବ ମାଆ ପାର୍ବତୀଙ୍କୁ ବିବାହ କରି ଧବଳେଶ୍ୱର ପୀଠକୁ ଆସିଥିଲେ। ଏହି ଉତ୍ସବରେ ସଭାପତି ଭାବରେ ସାନ ସରାଫ ଦାୟିତ୍ୱ ତୁଲାଇଥିବାବେଳେ ଉପସଭାପତି ଭାବରେ ଦାୟିତ୍ୱ ସମ୍ପାଦନ କରିଥିଲେ କୃଷ୍ଣଚନ୍ଦ୍ର ଦୋରା। ସେହିପରି ସମ୍ପାଦକ ଭାବରେ ଅଭିରାମ କରୁଆ ଦାୟିତ୍ୱ ସମ୍ପାଦନ କରିଥିଲେ। ଲିଲୁ ମାଝୀ, ଅଜୟ ବରଗ୍ଗି, ତେଜରାଜ ସାହୁ, ମନୋଜ ସରାଫ, ପରବିନ ବିଶି, ଲୋକନାଥ ଜାଲ, ଦିଲେଶ ବାଗ, ଭକ୍ତ ବାଗ, ରାଜେଶ ସରାଫ, ସାଗର ସରାଫ, ପ୍ରେନା ନାୟକ, ବିଳାସିନୀ ସରାଫ, ଛାୟା ବାଗ, ଦର୍ପନି, ଠେଲା ପ୍ରମୁଖ ସହଯୋଗ କରିଥିଲେ।

# ଚଣାଲୀମାକୁ ହରାଇ ପାହାଡ଼ପଦର ଚାମ୍ପିୟନ



ନକ୍‌ଆଉଟ କ୍ରିକେଟ ପ୍ରତିଯୋଗିତାରେ ଅତିଥି, ଖେଳାଳି, କର୍ମକର୍ତ୍ତା।

**ଲାଞ୍ଜିଗଡ଼, ୨୪।୫(ଡି.ଏନ୍.ଏ.)**

■ମା' କନକ ଦୁର୍ଗା ସାଂସ୍କୃତିକ ଅନୁଷ୍ଠାନ ଆନୁକୂଲ୍ୟରେ
■ନକ୍‌ଆଉଟ କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବିଜେପୁର ପଞ୍ଚାୟତ ବିଜେପୁରସ୍ଥିତ ଖେଳପଡିଆଠାରେ ମା' କନକ ଦୁର୍ଗା ସାଂସ୍କୃତିକ ଅନୁଷ୍ଠାନ ତରଫରୁ ସୁନାଗିଲୁ ନାଏକ ମେମୋରିଆଲ ବ୍ଲକସ୍ତରୀୟ ନକ୍‌ଆଉଟ କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏହି ଉଦ୍‌ଯାପନୀ ମ୍ୟାଚ ଚଣାଲୀମା ଓ ପାହାଡ଼ପଦର ଦଳ ମଧ୍ୟରେ ହୋଇଥିଲା। ଚଣାଲୀମା ଦଳ ପ୍ରଥମେ ଟସ୍ ଜିତି ଫିଲଡିଂ କଲେ ଏବଂ ପାହାଡ଼ପଦର ଦଳକୁ ବେଟିଂ କରିବାକୁ ଦେଇଥିଲା। ପାହାଡ଼ପଦର ଦଳ ୧୪.୪ ଓଭରରେ ଅଲଆଉଟ ହୋଇ ୧୩୩ ରନ କରିଥିଲେ। ଜବାବରେ ଚଣାଲୀମା ଦଳ ୧୨.୨ ଓଭରରେ ଅଲ ଆଉଟ ହୋଇ ୮୦ ରନ କରି ପାହାଡ଼ପଦର ଦଳ ଠାରୁ ପରାଜୟ ହୋଇଥିଲେ। ଏହି ମ୍ୟାଚରେ ପାହାଡ଼ପଦର ଦଳ ୫୩ ରନରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଏହି ଉଦଯାପନୀ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ସୁବାସ ଅଗ୍ରୱାଲ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଲାଞ୍ଜିଗଡ ଜୋନ-୨ ଜିଲା ପରିଷଦ ସଦସ୍ୟ ପରୀକ୍ଷିତ ନାଏକ, ସରପଞ୍ଚ ପ୍ରତିନିଧି ଟୀକା ମାଝି, ରଞ୍ଜିତ ନାଏକ, ପୂର୍ବତନ ସମିତି ସଭ୍ୟ ହରିଶ୍ଚନ୍ଦ୍ର ପୂଜାରୀ, ୱାର୍ଡ଼ ମେମ୍ବର ରାଜେଶ ନାଏକ, ଦେବଗିରି ନାଏକ, ସମିତି ପ୍ରତିନିଧି ଇନ୍ଦ୍ର ମାଝି, ନାଏବ ସରପଞ୍ଚ ଇନ୍ଦ୍ର ମାଝି, ଉମାଶଙ୍କର ମାଝି ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତା ୯ ତାରିଖଠାରୁ ଆରମ୍ଭ ହେଇଥିଲା ଏବଂ ଏଥିରେ ୧୬ଟି ଦଳ ସାମିଲ ହେଇଥିଲେ ବୋଲି ମା' କନକ ଦୁର୍ଗା ସାଂସ୍କୃତିକ ଅନୁଷ୍ଠାନ ତରଫରୁ ସୂଚନା ମିଳିଛି। ଏହି ଉଦଯାପନୀ ମ୍ୟାଚରେ ଧାରା ବିବରଣୀ ସୁରେନ୍ଦ୍ର ବାଗ ଏବଂ ସ୍କୋର ବୋର୍ଡ଼ରେ ଦିନେଶ ବାଗ କାର୍ଯ୍ୟ ତୁଲାଇଥିଲେ। ଖେଳ ପରିଚାଳନା ଜଗତରାମ ବାଗ, ବରୁଣ ନାଏକ କରିଥିଲେ। ଏହି ବ୍ଲକସ୍ତରୀୟ କ୍ରିକେଟ ପ୍ରତିଯୋଗିତାରେ ମା' କନକ ଦୁର୍ଗା ସାଂସ୍କୃତିକ ଅନୁଷ୍ଠାନ ବିଜେପୁର ପକ୍ଷରୁ ବରୁଣ ନାଏକ, ଜଗତରାମ ବାଗ, ଦିନେଶ ବାଗ, ଅର୍ଜୁନ ନାଏକ, ପ୍ରହ୍ଲାଦ ବାଗ, ଦଶରଥ ନାଏକ, ଭିକ ନାଏକ, ଶିବ ନାଏକ, ପ୍ରବୀଣ ନାଏକ, ହେମନ୍ତ ନାଏକ, ପଙ୍କଜ ବାଗ, ପ୍ରଶାନ୍ତ ବାହୁକ, ରଞ୍ଜିତ ନାଏକ,ରାହୁଲ ନାଏକ, ମୁକୁନ୍ଦ ନାଏକ, ମିଲକୁ ନାଏକ, ବିଜୟ ନାଏକ,କିଶ୍ୱର୍ ନାଏକ, ମହେଶ୍ୱର ନାଏକ, ଜଗନ୍ନାଥ ନାଏକ, ହରିଶ ନାଏକ, ମଳୟ ନାଏକ, ନିର୍ମଳ ନାଏକ ମା' କନକ ଦୁର୍ଗା ସାଂସ୍କୃତିକ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏହି ଉଦଯାପନୀ ମ୍ୟାଚରେ ବିଜେତାଙ୍କୁ ୨୦ ହଜାର ଏବଂ ଉପ ବିଜେତାଙ୍କୁ ୧୫ ହଜାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା ବୋଲି ମା' କନକ ଦୁର୍ଗା ସାଂସ୍କୃତିକ ଅନୁଷ୍ଠାନ ତରଫରୁ ସୂଚନା ମିଳିଛି।

# ଚରମବାଣୀ ଶୁଣାଇଲେ ଜାତୀୟ ମାନବାଧିକାର କମିଶନ

**ବାଣୀପଙ୍ଗା ଆଶ୍ରମ ସ୍କୁଲ ଛାତ୍ରୀ ମୃତ୍ୟୁ ମାମଲା**

■୨ମାସ ପରେ ବି ରିପୋର୍ଟ ଦେଇନାହାନ୍ତି କଳାହାଣ୍ଡି ଏସ୍‌ପି

**ଭବାନୀପାଟଣା,୨୪।୫(ସ୍ୱ.ପ୍ର)**

ଆଦିବାସୀ ଉନ୍ନୟନ ବିଭାଗ ପରିଚାଳିତ କଳାହାଣ୍ଡି ଜିଲା ବାଣୀପଙ୍ଗା ଆଶ୍ରମ ସ୍କୁଲର ଛାତ୍ରୀ ରୀମା ମାଝୀ (୬)ର ମୃତ୍ୟୁ ଘଟଣାରେ କଳାହାଣ୍ଡି ଏସ୍‌ପି ୨ମାସ ପରେ ବି ରିପୋର୍ଟ ଦେଇ ନ ଥିବାରୁ ଜାତୀୟ ମାନବାଧିକାର କମିଶନ କଳାହାଣ୍ଡି ଏସପିଙ୍କୁ ଚରମବାଣୀ ଶୁଣାଇଛନ୍ତି। ଆସନ୍ତା ୪ ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ ନ କଲେ ମାନବାଧିକାର ସୁରକ୍ଷା ଆଇନର ଧାରା ୧୩ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜାତୀୟ ମାନବାଧିକାର କମିଶନ ସୂଚାଇ ଦେଇଛନ୍ତି। ଏହି ନୋଟିସର ଏକକିତା ନକଲ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କ ପାଖକୁ ମଧ କମିଶନ ପଠାଇଛନ୍ତି। ପ୍ରକାଶ ଯେ,ଗତ ୨୦୨୨ ମସିହା ଡିସେମ୍ବର ମାସରେ ବାଣୀପଙ୍ଗା ଆଶ୍ରମ ବିଦ୍ୟାଳୟ ଛାତ୍ରୀ ରୀମା ମାଝୀ ଜ୍ୱରରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥିଲେ। ତାଙ୍କୁ ଲାଞ୍ଜିଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନିଆଯାଉଥିବାବେଳେ ମୃତ୍ୟୁ ଘଟିଥିଲା। ହେଲେ ତାଙ୍କ ମୃତଦେହକୁ ପୋଲିସ ବ୍ୟବଚ୍ଛେଦ ନ କରାଇ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଥିବା ଅଭିଯୋଗ ହୋଇଥିଲା, ଯାହାକି ପୋଲିସର କାର୍ଯ୍ୟକଳାପ ପ୍ରତି ସନ୍ଦେହ ସୃଷ୍ଟି କରିଥିଲା। ଏହି ଘଟଣାରେ ଜାତୀୟ ମାନବାଧିକାର କମିଶନ କଳାହାଣ୍ଡି ଏସ୍‌ପିଙ୍କୁ ଗତ ମାର୍ଚ୍ଚ ମାସରେ ତଦନ୍ତ ରିପୋର୍ଟ ଦେବାକୁ ନୋଟିସ ଜାରି କରିଥିଲେ। ଇତିମଧ୍ୟରେ ୨ମାସ ପରେ ବି କଳାହାଣ୍ଡି ଏସ୍‌ପି ରିପୋର୍ଟ ଦାଖଲ କରି ନ ଥିବାରୁ ପୁଣିଥରେ ମଙ୍ଗଳବାର ଜାତୀୟ ମାନବାଧିକାର କମିଶନ ଅସନ୍ତୋଷ ବ୍ୟକ୍ତ କରିବା ସହିତ ଏସ୍‌ପିଙ୍କୁ ସାନି ରିପୋର୍ଟ ତଲବ କରିଛନ୍ତି।

# ଅଣ ସର୍ଭେ ଗ୍ରାମରେ ହାଇଟେକ୍ ସର୍ଭେର ସମୀକ୍ଷା



ଅଣ ସର୍ଭେ ଗ୍ରାମରେ ହାଇଟେକ ସର୍ଭେର ସମୀକ୍ଷା କରାଯାଉଛି।

**ଭବାନୀପାଟଣା,୨୪।୫(ସ୍ୱ.ପ୍ର.)**

**କଳାହାଣ୍ଡି ଜିଲା**

■ଯୋଗଦେଲେ ଓଡ଼ିଶା ଭୂଲେଖ ବିଭାଗ ନିର୍ଦ୍ଦେଶକ

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ ଗୃହରେ ବୁଧବାର କଳାହାଣ୍ଡି ଜିଲାରେ ଅଣ ସର୍ଭେ ଗ୍ରାମରେ ଜମିମାପ ସର୍ଭେ ସମ୍ବନ୍ଧୀୟ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ସରକାରଙ୍କ ଭୂଲେଖ ବିଭାଗ ନିର୍ଦ୍ଦେଶକ ବିକାଶ ଚନ୍ଦ୍ର ମହାପାତ୍ର ଅଧକ୍ଷତା କରିଥିଲେ। ବର୍ତ୍ତମାନ କଳାହାଣ୍ଡି ଜିଲାରେ ପ୍ରଥମ ପର୍ଯ୍ୟାୟରେ ୯୬ଟି ଅଣସର୍ଭେ ଗ୍ରାମରେ ହାଇଟେକ ଟେକ୍ନୋଲୋଜି ସାଟେଲାଇଟ ସାହାଯ୍ୟରେ ସର୍ଭେ କାମ ଆରମ୍ଭ କରାଯାଇଛି। ଜୁନାଗଡ଼ ତହସିଲ ଅନ୍ତର୍ଗତ ୫ଟି ଗ୍ରାମରେ ଏହି ସର୍ଭେ କାର୍ଯ୍ୟ ଚାଲୁରହିଛି। ଏହି ସର୍ଭେ କାମ ପାଇଁ ଜିଓ ଟେକ ଇନ୍ଫ୍ରାଷ୍ଟ୍ରକଚର ଦାୟିତ୍ୱ ନେଇଛି। ଏଥିପାଇଁ ୬ ମାସ ସମୟ ସୀମା ମଧ୍ୟରେ ଏହି ସର୍ଭେ କାର୍ଯ୍ୟ ସାରିବାକୁ ଲକ୍ଷ୍ୟ ରଖାଯାଇଛି। ଜିଲାରେ ବହୁ ଦିନରୁ ଅନେକ ଗ୍ରାମରେ ଜମି ମାପ ସର୍ଭେ କାର୍ଯ୍ୟ ପାଇଁ ଦାବିହୋଇ ଆସୁଥିଲା। କଳାହାଣ୍ଡି ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଦ୍ୱିତୀୟ ପର୍ଯ୍ୟାୟରେ ଆହୁରି ୪୭ଟି ଗ୍ରାମକୁ ଏହି ସର୍ଭେରେ ଅନ୍ତର୍ଭୁକ୍ତ କରିବା ପାଇଁ ସ୍ଥିର କରାଯାଇଛି ବୋଲି କହିଥିଲେ। ସର୍ଭେ ସମୟରେ ଗ୍ରାମର ସୀମା ନିର୍ଦ୍ଧାରଣ ପୂର୍ବକ ଆବଶ୍ୟକ ସ୍ଥଳେ ନୂତନ ରାଜସ୍ୱ ଗ୍ରାମର ଘୋଷଣା କରାଯିବ। ବୈଠକରେ ଅତିରିକ୍ତ ଜିଲାପାଳ ସୁବ୍ରତ କୁମାର ନାୟକ, ଧର୍ମଗଡ଼ ଉପଜିଲାପାଳ ବେଦ ଭୂଷଣ, ଭବାନୀପାଟଣା ଉପଜିଲାପାଳ, ଡ. ବିଶ୍ୱଜିତ ଦାସଙ୍କ ସମେତ ବିଭିନ୍ନ ବ୍ଲକର ତହସିଲଦାର, ରେଭିନ୍ୟୁ ସୁପରଭାଇଜର, ଡେପୁଟି କଲେକ୍ଟର ରେଭିନ୍ୟୁ ପ୍ରମୁଖ ଉପସ୍ଥିତ ଥିଲେ।

# ନୂତନ ସମବାୟ ସମିତି ଉଦ୍‌ଘାଟିତ

**ଖଡ଼ିଆଳ,୨୪।୫(ଡି.ଏନ.ଏ.)**

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ରାନିମୁଣ୍ଡା ଗ୍ରାମରେ ନୂଆ ସମବାୟ ସମିତି ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ରାନିମୁଣ୍ଡା ଓ ସରଧାପୁର ଗ୍ରାମ ପଞ୍ଚାୟତକୁ ନେଇ ଏହି ପାକ୍ସ ଗଠିତ ହୋଇଛି। ଏନେଇ ଆୟୋଜିତ ଉତ୍ସବରେ ସ୍ଥାନୀୟ ସରପଞ୍ଚ ତୁକାରାମ ହିଆଲ ସଭାପତିତ୍ୱ କରିଥିଲେ। ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତି ପଞ୍ଚାୟତରେ ପାକ୍ସ ଖୋଲିବା ଲକ୍ଷ୍ୟ ରଖାଯାଇଛି। ଚଳିତ ଏବର୍ଷ ଜିଲାରେ ୪୧ଟି ନୂତନ ପାକ୍ସ ଖୋଲା ଯାଇଛି। ଏହାଦ୍ୱାରା ଚାଷୀମାନେ ସହଜରେ ବିହନ, ସାର କିଣି ପାରିବା ସହ ଉପାର୍ଜିତ ଶସ୍ୟ ବିକ୍ରି କରି ପାରିବେ। ଅନ୍ୟତମ ଅତିଥି ଖଡ଼ିଆଳ ପଞ୍ଚାୟତ ସମିତି ଅଧକ୍ଷା ପୁଷ୍ପାଞ୍ଜଳି ନନ୍ଦ ପ୍ରତି ପଞ୍ଚାୟତରେ ପାକ୍ସ ଗଠନ ହେବା ଦ୍ୱାରା ଲୋକେ ଆଉ ଅସୁବିଧାର ସମ୍ମୁଖୀନ ହେବେ ନାହିଁ ବୋଲି କହିଥିଲେ। ସମିତି ଉପାଧକ୍ଷ ଗୌତମ ତାଣ୍ଡି, ବିଧାୟକ ପ୍ରତିନିଧି ଅକ୍ଷୟ ନନ୍ଦ, ଡୁଆଝର ସରପଞ୍ଚ ଜିତୁ କୁମ୍ଭାର, ଡୁଆଝର ସମିତି ସଭ୍ୟ କେଦାର ତାଣ୍ଡି, ରାନିମୁଣ୍ଡା ସମିତି ସଭ୍ୟା ନିରାଶ ଶବର, ଡୁଆଝର ପାକ୍ସ ସଭାପତି ଯୁବରାଜ ଜଗତ, ସମ୍ପାଦକ ଥବିର ତାଣ୍ଡି, ପରାମର୍ଶଦାତା କମିଟି ସଦସ୍ୟ ରଞ୍ଜିତ ବେଶ୍ରା, ଖଡ଼ିଆଳ କୋଅପେରେଟିଭ ବ୍ୟାଙ୍କ ମ୍ୟାନେଜର ସୁମିତ ଅଗ୍ରୱାଲ, ଖାସବାହାଲ ସରପଞ୍ଚ କୁନୁ ଚରଣ ବେହେରାଙ୍କ ସମେତ ସ୍ଥାନୀୟ ଜନ ପ୍ରତିନିଧି ମାନେ ଯୋଗଦେଇଥିଲେ। ଚାଷୀଙ୍କୁ ଅଧିକାର ଦେବାରେ ନୂଆ ସମବାୟ ସମିତି ସହାୟକ ହେବ ବୋଲି ଅତିଥିମାନେ ଆଶାବ୍ୟକ୍ତ କରିଥିଲେ। ତ୍ରିନାଥ ଖର୍ସେଲ, ଗଣ୍ଡାରାମ ନିଆଲ, ଡ଼ମନା କଟା, ପରମେଶ୍ୱର ହାତୀ, ଘନଶ୍ୟାମ କଟା, ନିତ୍ୟାନନ୍ଦ ନିଆଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପାକ୍ସ ସମ୍ପାଦକ ଦେବଦତ୍ତ କଟା ଧନ୍ୟବାଦ ଅର୍ପଣ କରିଥିଲେ।



ସମବାୟ ସମିତି ଖୋଲିବା ସମ୍ପର୍କିତ ନିର୍ଦ୍ଦେଶନାମା ବିଧାୟକ ସରପଞ୍ଚଙ୍କୁ ପ୍ରଦାନ କରୁଛନ୍ତି।

# ଭାରତ ସ୍କାଉଟ୍ସ ଗାଇଡ୍ସର ସେବାକାର୍ଯ୍ୟ

**ଖଡ଼ିଆଳ,୨୪।୫(ଡି.ଏନ.ଏ.)**

ନୂଆପଡ଼ା ଜିଲା ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସ ପକ୍ଷରୁ ବିଭିନ୍ନ କ୍ଷେତ୍ରରେ ଉନ୍ନୟନମୂଳକ କାର୍ଯ୍ୟ କରାଯାଉଛି। ବିଭିନ୍ନ ସମୟରେ ସମାଜ କଲ୍ୟାଣମୂଳକ କାର୍ଯ୍ୟକ୍ରମ, ସେବା କାର୍ଯ୍ୟକ୍ରମ କରି ଆସୁଥିବାର ଦେଖିବାକୁ ମିଳୁଛି। ବୁଧବାର ଖଡ଼ିଆଳ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଏବଂ କୋମନା ଜିତାମିତ୍ର ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଜଳଛତ୍ର କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଜିଲା ଶିକ୍ଷା ଅଧିକାରୀ ଫୁଲମଣି ମୁର୍ମୁଙ୍କ ଉଦ୍ୟମ ଏବଂ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ରଙ୍କ ଦିଗଦର୍ଶନରେ ନୂଆପଡ଼ା ଜିଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ଭାରତ ସ୍କାଉଟ୍ସ ଓ ଗାଇଡ୍ସ ଜିଲା ସମ୍ପାଦକ ତଥା ଶାରୀରିକ ଶିକ୍ଷା ନିରୀକ୍ଷକ ମହେଶ କୁମାର ଦଣ୍ଡସେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହୋଇଛି। ଏହି କାର୍ଯ୍ୟକ୍ରମ ସାତ ଦିନ ଧରି ଚାଲିବ। ଖଡ଼ିଆଳ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ମୁଖ୍ୟ ଅତିଥି ଭାବେ ଖଡ଼ିଆଳ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧକ୍ଷ ଉଜ୍ଜ୍ୱଳ ଗୁପ୍ତା ତଥା ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ବିଦ୍ୟାଳୟ ପ୍ରଧାନ ଶିକ୍ଷିକା ଗୀତାରାଣୀ ଯୋଷୀ ଯୋଗ ଦେଇଥିଲେ।




ସ୍କାଉଟ୍ସ ଏବଂ ଗାଇଡ୍ସ ପକ୍ଷରୁ ଖୋଲାଯାଇଥିବା ଜଳଛତ୍ର।

**ଜଳଛତ୍ର କାର୍ଯ୍ୟକ୍ରମର ଶୁଭାରମ୍ଭ**

ଜିଲା ଭାରତ ସ୍କାଉଟ୍ସ ଓ ଗାଇଡ୍ସ ସମ୍ପାଦକ ମହେଶ କୁମାର ଦଣ୍ଡସେନା, ଜିଲା ତାଲିମ କମିଶନର ଅଶୋକ କୁମାର ବେହେରା, ଏମଓପି ସଂଯୋଜକ ରୋଶନ ପଣ୍ଡା, ସ୍କାଉଟ୍ସ ଶିକ୍ଷକ ଧନଞ୍ଜୟ ବୈଠାରୁ, ଧନଞ୍ଜୟ ଦଣ୍ଡସେନା, ଦୟାନିଧି ଚଲାନ, କ୍ଷମା ସାଗର ସାହୁ, ଅଂଶୁମାନ ପଣ୍ଡା, ଗାଇଡ଼ କ୍ୟାପଟେନ ମଞ୍ଜୁଷା ଜଗତ ତଥା ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ଏମାନଙ୍କ ସମେତ ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟ ଖଡ଼ିଆଳ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଖଡ଼ିଆଳ ଏବଂ ବାଦୀ ଆଦର୍ଶ ବିଦ୍ୟାଳୟର ସ୍କାଉଟ୍ସ ଏବଂ ଗାଇଡ୍ସମାନେ ଉପସ୍ଥିତ ରହି ଲୋକଙ୍କୁ ଦହିପାଣି, ଲେମ୍ବୁ ସରବତ ପାନୀୟ ଯୋଗାଣ କରିଥିଲେ। ସେହିପରି ଜିତାମିତ୍ର ଉଚ୍ଚ ବିଦ୍ୟାଳୟରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ମୃତ୍ୟୁଞ୍ଜୟ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ପ୍ରଧାନ ଶିକ୍ଷକ କପିଳେଶ୍ୱର ପାତ୍ର ଓ କୋମନା ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋସ୍ନାମୟୀ ମିଶ୍ରଙ୍କ ସମେତ ଉଭୟ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ସ୍କାଉଟ୍ସ ଗାଇଡ୍ସ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଦହି ଓ ଲେମ୍ବୁ ସରବତ ପ୍ରଦାନ କରିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ହେମସାଗର ମହାନନ୍ଦ, ଆସିଷ୍ଟାଣ୍ଟ ଜିଲା କମିଶନର ପ୍ରମୋଦ ଠାକୁର ତଥା ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକ ଏହି ପ୍ରୟାସକୁ ସ୍ୱାଗତ କରିଛନ୍ତି।

## ସଂକ୍ଷେପରେ

### ସଡ଼କ ଦୁର୍ଘଟଣାରେ ଜଣେ ମୃତ

**ଗାଇସିଲେଟ୍,୨୪।୫(ଡି.ଏନ.ଏ):** ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଖଏରପାଲିରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ଗାଇସିଲେଟ ଗାନ୍ଧିନଗର ନିବାସୀ ଇନ୍ଦ୍ରଜିତ କଲେତ ବୋଲି ଜଣାପଡ଼ିଛି। ତାଙ୍କ ସହିତ ବସିଥିବା ଅନ୍ୟ ଜଣେ ଗାଇସିଲେଟର ବାଦଲ ସାହୁ ଆହତ ହୋଇଛନ୍ତି। ଗାଇସିଲେଟରୁ ଗୁଠୁର୍ଲା ଯାଉଥିବା ବାଟରେ ଭାରସାମ୍ୟ ହରାଇ ବାଇକ୍ଟି ଏକ କାନ୍ଥରେ ପିଟି ହୋଇଥିଲା।

### ଯାତ୍ରୀ, ପଥିକଙ୍କୁ ସରବତ ବଣ୍ଟନ

**ବରଗଡ଼ ଅଫିସ୍,୨୪।୫:** ବରଗଡ଼ ବାନ୍ଧୁଟିକ୍ରା ଛକ ବସଷ୍ଟପ୍ ନିକଟରେ ଯାତ୍ରୀ ଏବଂ ପଥିକଙ୍କ ପାଇଁ ହଳଦିଆ ତେଲି ବୈଶ୍ୟ ସାହୁ ସମାଜ ପକ୍ଷରୁ ବୁଧବାର ସରବତ ବଣ୍ଟନ କରାଯାଇଥିଲା। ବସଯାତ୍ରୀ ଏବଂ ପଥିକମାନେ ସେଠାକୁ ଯାଇ ସରବତ ପିଇ ଗ୍ରୀଷ୍ମ ପ୍ରବାହରୁ ଆଶ୍ୱସ୍ତି ଲାଭ କରିଥିଲେ। ନାରାୟଣ ସାହୁ, ହରପ୍ରିୟା ସାହୁ, ପ୍ରମିଳା ସାହୁ, ମଞ୍ଜୁଲତା ସାହୁ, ବାସନ୍ତୀ ସାହୁ, ଆରିଆ ସାହୁ, ଜାନକୀ ସାହୁ, ଟିକେଶ୍ୱରୀ ସାହୁ, ସାବିତ୍ରୀ ସାହୁ, ପ୍ରୀତି ସାହୁ, ସନ୍ତୋଷିନୀ ସାହୁ, ଦେବରାଜ ସାହୁ, ଦିପାଞ୍ଜଳି ସାହୁ, ରମାକାନ୍ତ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ମୀନକେତନ ସାହୁ, ବେଣୁ ସାହୁ, ସୁଦାମ ସାହୁ ପ୍ରମୁଖ ସହଯୋଗ କରିଥିଲେ।

### ୨୧ସ୍ଥାନରେ ଗୋକୁଣ୍ଡ ସ୍ଥାପନ

**ବରଗଡ଼ ଅଫିସ୍,୨୪।୫:** ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ବରଗଡ଼ ମାରୱାଡ଼ି ଯୁବାମଞ୍ଚ ଓ ଜାଗୃତି ଶାଖା ତରଫରୁ ସହରରେ ବୁଲୁଥିବା ଗୋରୁଙ୍କ ପାଇଁ ୨୧ ସ୍ଥାନରେ ଗୋକୁଣ୍ଡ ସ୍ଥାପନ କରାଯାଇଛି। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗୋପୂଜା କରିବା ସହିତ ଗୋକୁଣ୍ଡ ଶୁଭାରମ୍ଭ କରିଥିଲେ। ବରଗଡ଼ ପୌର ପରିଷଦ ଉପାଧ୍ୟକ୍ଷ ରାଜେଶ ଅଗ୍ରୱାଲ, କାଉନସିଲର ଜନକ ଅଗ୍ରୱାଲ, ବରଗଡ଼ ମାରୱାଡ଼ି ସମ୍ମେଳନ ଅଧ୍ୟକ୍ଷ ସନ୍ଦୀପ ସାୱାଡ଼ିଆ, ପ୍ରାନ୍ତୀୟ ମାରୱାଡ଼ି ସମ୍ମେଳନ ଉପାଧ୍ୟକ୍ଷ କିଶନଲାଲ ଅଗ୍ରୱାଲ, ଓଡ଼ିଶା ମାରୱାଡ଼ି ଯୁବାମଞ୍ଚ ଅଧକ୍ଷ ଗିରିଧାରୀ କୁମାର ଅଗ୍ରୱାଲ, ସୁମିତ ସାୱାଡ଼ିଆ, ସନ୍ଦୀପ ଗୁପ୍ତା, ଆଶିଷ ଅଗ୍ରୱାଲ, ଅନିଲ ଯୋଶୀ, ନନ୍ଦକିଶୋର ଅଗ୍ରୱାଲ, ଦିଲ୍ଲୀପ ସାୱାଡ଼ିଆ, କିଶୋର ଅଗ୍ରୱାଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ସେହିପରି ଜାଗୃତି ଶାଖାର ଅଧ୍ୟକ୍ଷା ନିଶା ଅଗ୍ରୱାଲ ଉପସ୍ଥିତ ଥିଲେ। ଗୋ ସଂଯୋଜକ କହ୍ନେୟା ଅଗ୍ରୱାଲଙ୍କ ଦ୍ୱାରା ବିଭିନ୍ନ ସ୍ଥାନରେ ଗୋକୁଣ୍ଡ ସ୍ଥାପନ କରାଯାଇଥିଲା।


ଗୋକୁଣ୍ଡ ସ୍ଥାପନ ଅବସରରେ ବରଗଡ଼ ବିଧାୟକ ଗୋପୂଜା କରୁଛନ୍ତି ।

# ଜମି ବିବାଦରୁ ପୂର୍ବ ଶତ୍ରୁତା ହତ୍ୟାର କାରଣ

**ବରଗଡ଼ ଅଫିସ୍,୨୪।୫**

ବରଗଡ଼ ଜିଲା ଭଟଲି ଥାନା ନାରଙ୍ଗପୁର ପଞ୍ଚାୟତ ଝିକିଝିକି ଗ୍ରାମରେ ସୋମବାର ଗୋଟିଏ ପରିବାରର ୪ଜଣଙ୍କୁ ହତ୍ୟା ଘଟଣାର ପର୍ଦ୍ଦାଫାଶ ହୋଇଛି। ଘରଡ଼ିହ ତଥା ଜମି ବିବାଦରୁ ଉପୁଜିଥିବା ପୂର୍ବ ଶତ୍ରୁତା ହତ୍ୟାର କାରଣ ବୋଲି ପୋଲିସ ତଦନ୍ତରୁ ଜଣାପଡ଼ିଛି। ହତ୍ୟାକାଣ୍ଡରେ ଗ୍ରାମର ଗୁରୁଦେବ ବାଗ(୩୫), ସ୍ତ୍ରୀ ଶିବାଗ୍ରୀ(୩୦), ପୁଅ ଚୂଡ଼ାମଣି(୧୫) ଏବଂ ଝିଅ ଶ୍ରାବଣୀ(୧୦)ଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ପୋଲିସ ମୃତକଙ୍କ କାକା ଶିବ ବାଗ(୫୮), ତାଙ୍କ ପୁଅ ନକୁଳ(୨୭) ଏବଂ ସ୍ତ୍ରୀ ପାର୍ବତୀ(୫୦)ଙ୍କୁ ଗିରଫ କରିଛି। ସମସ୍ତ ଗିରଫ ଅଭିଯୁକ୍ତଙ୍କୁ ବୁଧବାର ବରଗଡ଼ କୋର୍ଟକୁ ଚାଲାଣ କରାଯାଇଛି। ସେଠାରୁ ସେମାନଙ୍କୁ ସ୍ଥାନୀୟ ସବ୍‌ଜେଲ ହାଜତକୁ ପଠାଇ ଦିଆଯାଇଛି। ମୃତକଙ୍କ ସମ୍ପର୍କୀୟ ନାରଙ୍ଗପୁର ନିବାସୀ ସରୋଜ ପାଣ୍ଡେ(୩୫)ଙ୍କ ଏତଲାକ୍ରମେ ଭଟଲି ଥାନା ପୋଲିସ ଅଭିଯୁକ୍ତଙ୍କ ବିରୋଧରେ ଦଫା ୩୦୨, ୨୦୧, ୩୪ ଆଇପିସିରେ ଏକ ମାମଲା (ନଂ.୧୧୮/୨୩) ରୁଜୁ କରିଛି।

ପୋଲିସ ସୂଚନା ଅନୁଯାୟୀ, ମୃତକ ଏବଂ ଅଭିଯୁକ୍ତଙ୍କ ପରିବାର ମଧ୍ୟରେ


୩ ହତ୍ୟା ଅଭିଯୁକ୍ତଙ୍କୁ ପୋଲିସ କୋର୍ଟଚାଲାଣ କରୁଛି।

ଦୀର୍ଘବର୍ଷ ହେଲା ଘରଡ଼ିହ ଏବଂ ଜମିକୁ ନେଇ ବିବାଦ ଲାଗି ରହିଥିଲା। ୨୦୧୪ରେ ଏହି ବିବାଦ ଉପୁଜିବାରୁ ଗୁରୁଦେବଙ୍କ ସ୍ତ୍ରୀ ଶିବାଗ୍ରୀଙ୍କ ଏତଲାକ୍ରମେ ଶିବ, ସ୍ତ୍ରୀ ପାର୍ବତୀ ଏବଂ ପୁଅ ନକୁଳ ଗିରଫ ହୋଇ କୋର୍ଟଚାଲାଣ ହୋଇଥିଲେ ଏବଂ କିଛିଦିନ ଧରି ବରଗଡ଼ ସବ୍‌ଜେଲରେ ରହିଥିଲେ। ଜେଲରୁ ବାହାରିବା ପରେ ଜମି ବିବାଦ ଆହୁରି ତେଜିଥିଲା ଏବଂ ଉଭୟ ପରିବାର ମଧ୍ୟରେ ପ୍ରାୟ ନିୟମିତ କଳିଗୋଳ ହେଉଥିଲା। ସବୁଦିନ ପାଇଁ ଏହି ବିବାଦର ଅନ୍ତ ଘଟାଇବା ଲକ୍ଷ୍ୟ ରଖି ଗୁରୁଦେବଙ୍କ ପରିବାର ଲୋକଙ୍କୁ ଶେଷ କରିଦେବା ପାଇଁ ଗତ ୨୧ତାରିଖ ରାତିରେ ଅଭିଯୁକ୍ତଙ୍କ ପରିବାର ଲୋକେ ଏକାଠି ହୋଇ ଯୋଜନା ପ୍ରସ୍ତୁତ କରିଥିଲେ।

ଯୋଜନା ଅନୁସାରେ ସୋମବାର ସକାଳେ ଶିବ ଚତୁରତାର ସହ ଗ୍ରାମର କିଛି ଭଦ୍ରବ୍ୟକ୍ତିଙ୍କୁ ବିବାଦର ସମାଧାନ ପାଇଁ ଡାକି ସଭା କରିଥିଲେ। ମାତ୍ର ସଭାରେ ସମାଧାନ ବଦଳରେ ଶିବ ଏବଂ ମୃତକ ଗୁରୁଦେବଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଫଳରେ ଭଦ୍ରବ୍ୟକ୍ତି ସଭାରୁ ଉଠି ଚାଲିଯାଇଥିଲେ। ଏହାପରେ ଗୁରୁଦେବ ୨ଜଣ ଶ୍ରମିକଙ୍କୁ ଘରକୁ ଡାକି ଆଣିଥିଲେ ଏବଂ ଯେଉଁ ଇଟାକାନ୍ଥ ପାଇଁ ବିବାଦ ହୋଇଥିଲା, ସେହି ଇଟାକାନ୍ଥକୁ ଭାଙ୍ଗି ବାହାରକୁ ଚାଲି ଯାଇଥିଲେ। ଗୁରୁଦେବ ଘରୁ ବାହାରକୁ ଚାଲି ଯାଇଥିବାର ସୁଯୋଗ ନେଇ ଦିନ ପ୍ରାୟ ୧୧ଟାରେ ଅଭିଯୁକ୍ତ ନକୁଳ ଘର ବାରଣ୍ଡାରେ ବସିଥିବା ଗୁରୁଦେବଙ୍କ ସ୍ତ୍ରୀ

**ପରିବାରର ୪ ଜଣଙ୍କୁ ହତ୍ୟା ମାମଲାର ପର୍ଦ୍ଦାଫାଶ**

- ମା’ ବାପା, ପୁଅ ଜେଲ ଗଲେ
- ପୂର୍ବ ରାତିରୁ ହୋଇଥିଲା ଯୋଜନା
- ହତ୍ୟାକାଣ୍ଡ ଭିଆଇଥିଲେ ବାପପୁଅ
- ଘରଦ୍ୱାରରେ ଜଗି ରହିଥିଲେ ମା’

ଶିବାଗ୍ରୀଙ୍କ ମୁଣ୍ଡକୁ ଏକ ଲୁହା ଶାବଳରେ ପିଟିଥିବାବେଳେ ଶିବ ବାଉଁଶ ଲାଠି ପ୍ରହାର କରିଥିଲେ। ସେହିପରି ଗୁରୁଦେବଙ୍କ ଝିଅ ଶ୍ରାବଣୀ ଘର ଭିତରେ ଥିବା ଜାଣିପାରି ସେଠାକୁ ଅଭିଯୁକ୍ତ ବାପପୁଅ ଯାଇ ତାଙ୍କ ମୁଣ୍ଡକୁ ମଧ୍ୟ ଶାବଳ, ଲାଠିରେ ପ୍ରହାର କରିଥିଲେ । ମା’ ଝିଅ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଥିବାବେଳେ ଉଭୟଙ୍କୁ ଗୁହାଳ ନିକଟ ଏକ କୋଠରିରେ ଭର୍ତ୍ତି କରିଦେବା ସହ ଗୁରୁଦେବଙ୍କ ଘରେ ତାଲା ପକାଇ ଦେଇଥିଲେ। କିଛି ସମୟ ପରେ ଗୁରୁଦେବଙ୍କ ପୁଅ ଚୂଡ଼ାମଣି ପହଞ୍ଚି ଘରେ ତାଲା ପଡ଼ିଥିବା ଦେଖି ତାଙ୍କ ମା’ଙ୍କୁ ଖୋଜାଖୋଜି କରି ଗୁହାଳ ପଟକୁ ଯାଉଥିବାବେଳେ ଅଭିଯୁକ୍ତ ବାପପୁଅ ତାଙ୍କ ମୁଣ୍ଡକୁ ପିଟି ଦେଇଥିଲେ। ସେ ସେଠାରେ ଟଳି ପଡ଼ିବା ପରେ ଅଭିଯୁକ୍ତ ଦ୍ୱୟ ତାଙ୍କୁ ଗୁହାଳ ନିକଟ ସେହି କୋଠରିକୁ ନେଇ ଯାଇଥିଲେ। ଏହାପରେ ଘଟଣାସ୍ଥଳରେ ପଡ଼ିଥିବା ରକ୍ତଛିଟାକୁ ଶିବଙ୍କ ପରିବାର ଲୋକେ ପାଣିରେ ଧୋଇ ଦେଇଥିବାବେଳେ ହତ୍ୟାକାଣ୍ଡ ସମୟରେ ଶିବଙ୍କ ସ୍ତ୍ରୀ ପାର୍ବତୀ ଘରଦ୍ୱାରରେ ଜଗି ରହିଥିଲେ।

ତେବେ ଅପରାହ୍ନ ପ୍ରାୟ ଦେଢ଼ଟା ସମୟରେ ଗାଧୁଆ କରି ଗୁରୁଦେବ ଘରକୁ ପହଞ୍ଚିଥିଲେ। ଘରେ ତାଲା ପଡ଼ିଥିବା ଦେଖି ସେ ସ୍ତ୍ରୀ ଶିବାଗ୍ରୀଙ୍କୁ ପାଟି କରି ଡାକିଥିଲେ। ଏହାର ସୁଯୋଗ ନେଇ ଅଭିଯୁକ୍ତ ନକୁଳ ପ୍ରଥମେ ଲୁହା ଶାବଳରେ ଗୁରୁଦେବଙ୍କ ମୁଣ୍ଡକୁ ପିଟିଥିବାବେଳେ ମରିବା ପର୍ଯ୍ୟନ୍ତ ଲାଠିରେ ତାଙ୍କୁ ଆକ୍ରମଣ କରିଥିଲେ। ଗୁରୁଦେବଙ୍କ ମୃତ୍ୟୁ ହେବା ପରେ ବାପପୁଅ ତାଙ୍କୁ ଗୁହାଳ ନିକଟ ସେହି କୋଠରିକୁ ନେଇ ପକାଇ ଦେଇଥିଲେ। ତେବେ ୪ଜଣଙ୍କୁ ହତ୍ୟା ପରେ କ’ଣ କରିବେ, ସେ ନେଇ ଅଭିଯୁକ୍ତମାନେ କିଛି ଭାବି ପାରି ନ ଥିଲେ। ମୃତଦେହଗୁଡ଼ିକୁ ଗୁହାଳ ନିକଟ ସେହି ବନ୍ଦ କୋଠରିରେ ରଖିଥିବାବେଳେ ସେଠାକାର ଛାତରେ ହତ୍ୟାକାଣ୍ଡରେ ବ୍ୟବହୃତ ଶାବଳ ଓ ଲାଠିକୁ ଲୁଚାଇ ରଖିଥିଲେ। ମଙ୍ଗଳବାର ସକାଳେ ଗ୍ରାମର ଉଦ୍ଧବ ଭୋଇଙ୍କୁ ଅଭିଯୁକ୍ତ ଶିବ ହତ୍ୟାକାଣ୍ଡ ସମ୍ପର୍କରେ କହିବା ପରେ ଘଟଣାଟି ସାମ୍ନାକୁ ଆସିଥିଲା ବୋଲି ପୋଲିସ ସୂଚନା ଦେଇଛି।

### ବ୍ରିଜଭୂଷଣଙ୍କ ଗିରଫ ଦାବି କଲା ଭିମ୍ ଆର୍ମି



**ବରଗଡ଼ ଅଫିସ୍,୨୪।୫**

ମହିଳା କୁସ୍ତିଯୋଦ୍ଧାଙ୍କୁ ଯୌନ ନିର୍ଯ୍ୟାତନା ମାମଲାରେ ଭାଜପା ଏମ୍‌ପି ବ୍ରିଜଭୂଷଣ ଶରଣ ସିଂଙ୍କୁ ଗିରଫ ଦାବି ତେଜିବାରେ ଲାଗିଛି। ବରଗଡ଼ରେ ମଧ୍ୟ ଏହାର ତାତି ପରିଲକ୍ଷିତ ହୋଇଛି। ଏହି କ୍ରମରେ ବୁଧବାର ଭିମ୍ ଆର୍ମି, ବରଗଡ଼ ଶାଖା ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସ୍ମାରକପତ୍ରରେ ୪ଦଫା ଦାବି କରାଯାଇଛି। ବ୍ରିଜଭୂଷଣଙ୍କୁ ତୁରନ୍ତ ଗିରଫ କରାଯିବା ସହିତ କୁସ୍ତିଯୋଦ୍ଧାଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ଦାବି ହୋଇଛି। ସେହିପରି ଉକ୍ତ ମାମଲାର ସିବିଆଇ ତଦନ୍ତ କରାଯିବା, ଫାଷ୍ଟଟ୍ରାକ୍ କୋର୍ଟରେ ବିଚାର, ବ୍ରିଜଭୂଷଣଙ୍କ ଏମ୍‌ପି ପଦ ରଦ୍ଦ କରାଯିବାକୁ ସ୍ମାରକପତ୍ରରେ ଦାବି କରାଯାଇଛି। ସ୍ମାରକପତ୍ର ପ୍ରଦାନ ସମୟରେ ଭିମ୍ ଆର୍ମି ବରଗଡ଼ ଜିଲା ସଭାପତି ଆଶିଷ ଗୌତମ, ଟାଉନ ସଭାପତି ପଞ୍ଚମ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ମା’ ପାର୍ବତୀଙ୍କ ହରିଦ୍ରା ଲେପନ


ପାର୍ବତୀଙ୍କ ହରିଦ୍ରା ଲେପନ କାର୍ଯ୍ୟକ୍ରମ କରାଯାଉଛି।

**ପଦ୍ମପୁର,୨୪।୫(ଡି.ଏନ.ଏ.)**

**ପଦ୍ମପୁର ଶୀତଳଷଷ୍ଠୀ ଯାତ୍ରା**

ଶୀତଳଷଷ୍ଠୀ ମହୋତ୍ସବ ଅବସରରେ ପଦ୍ମପୁର ବଡ଼ବନ୍ଧ ସ୍ଥିତ ରାମେଶ୍ୱର ମନ୍ଦିରରେ ବୁଧବାର ସକାଳେ ରୁଦ୍ରାଭିଷେକ, ତୈଳାଭିଷେକ ଓ ପୂଜାର୍ଚ୍ଚନା କରାଯାଇଥିଲା। ପରେ କନ୍ୟାପିତା ଆଶିଷ କୁମାର ବଂଶଲ ଓ ସ୍ତ୍ରୀ ବର୍ଷା ବଂଶଲ ମା’ ପାର୍ବତୀଙ୍କୁ ନିଜ ବାସଭବନକୁ ଆଣିଥିଲେ। ପାର୍ବତୀଙ୍କୁ ଝିଅ ରୂପରେ ପାଇ ନଗରର ସମସ୍ତ ମହିଳା ଦର୍ଶନ କରିଥିଲେ ଓ ରୀତିନୀତି ଅନୁସାରେ ବିଭିନ୍ନ ପୂଜା ଅନୁଷ୍ଠିତ ହୋଇଥିଲା। ପୂର୍ବ ପରମ୍ପରା ଅନୁସାରେ ନଗରବାସୀ ଓ ଭଣ୍ଡାର ଗୃହ ଯାତ୍ରାକାରୀ ଦଳଙ୍କ ଦ୍ୱାରା ତେଲ, ହଳଦୀ ବିତରଣ ହୋଇଥିଲା। ବରପିତା ଜିତେନ୍ଦ୍ର ଦାଶ ଓ ବରମାତା ଚିନ୍ମୟୀ ଦାଶ ଏକ ବିରାଟ ପଟୁଆରରେ ସ୍ଥାନୀୟ ଧର୍ମଶାଳାରେ ପହଞ୍ଚିଥିଲେ। ସେଠାରେ କନ୍ୟା ମାତାପିତାଙ୍କ ସମେତ ଉପସ୍ଥିତ ଶ୍ରଦ୍ଧାଳୁ ସେମାନଙ୍କୁ ସ୍ୱାଗତ କରିଥିଲେ। ଏହି ତୈଳାଭିଷେକ ଓ ହରିଦ୍ରା ଲେପନ ସମାରୋହରେ ମହିଳା ସମିତି, ଜାଗୃତି ମହିଳା ସମେତ ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ପଣ୍ଡିତ ସରୋଜ ପାଣିଗ୍ରାହୀ, ଉଦୟ ନନ୍ଦ ପୁରୋହିତ ସମସ୍ତ କାର୍ଯ୍ୟ ତୁଲାଇଥିଲେ।

# ସରିଲା ତାରକାସୁର ଦରବାର

**ପଦ୍ମପୁର,୨୪।୫(ଡି.ଏନ.ଏ.)**

ପଦ୍ମପୁର ଶୀତଳ ଷଷ୍ଠୀ ଅବସରରେ ତିନିଦିନ ଧରି ଚାଲିଥିବା ତାରକାସୁରଙ୍କ ଦିଗ୍‌ବିଜୟ ଅଭିଯାନ ସହ ଦରବାର ମଙ୍ଗଳବାର ବିଳମ୍ବିତ ରାତିରେ ସମାପନ ହୋଇଛି। ଅନ୍ତିମ ଦିବସରେ ଦରବାରରେରେ ମାରୱାଡି ଯୁବାମଞ୍ଚର ପୂର୍ବତନ ରାଜ୍ୟ ସଭାପତି ନରେଶ ଅଗ୍ରୱାଲ, ମାରୱାଡି ଯୁବାମଞ୍ଚ ରାଜ୍ୟ ସାଧାରଣ ସମ୍ପାଦକ ଭବନ ଅଗ୍ରୱାଲ, ଓଡ଼ିଶା ଗୋସେବା ରକ୍ଷକ କହ୍ନେୟା ଅଗ୍ରୱାଲ, ମହାଲୟା ଗ୍ରୁପ୍ ସମ୍ପାଦକ ଟଙ୍କଧର ସାହୁ, ପଦ୍ମପୁର ଉପଖଣ୍ଡ ଚିକିତ୍ସା ଅଧିକାରୀ ଡାକ୍ତର ସରୋଜ କୁମାର ସେଠ, ମହିଳା କଂଗ୍ରେସ ସଭାନେତ୍ରୀ ମୌସୁମୀ ସାହୁ ପ୍ରମୁଖ ରାଜ ଅତିଥି ଭାବେ ଯୋଗ ଦେଇଥିଲେ। ତାରକାସୁର ଭୂମିକାରେ ଅଭିନୟ କରିଥିବା ରମେଶ ମେହେରଙ୍କ ସଂଳାପ ବେଶ୍ ଆଦୃତ ହୋଇଥିଲା। ଦରବାରରେ ଶଙ୍କର ଡ୍ୟାନ୍ସ ଏକାଡେମୀ ଆନୁକୂଲ୍ୟରେ ନିର୍ଦ୍ଦେଶକ ଶଙ୍କର ସାହୁ ଓ ସୁନନ୍ଦା ସୁନାଙ୍କ ନିର୍ଦ୍ଦେଶରେ ମହାଶିବ ତାଣ୍ଡବ, ଓଡ଼ିଶୀ, ସମ୍ବଲପୁରୀ, କଥକ, ବଲିଉଡ ନୃତ୍ୟ ପରିବେଷଣ କରାଯାଇଥିଲା। କମିଟି ସଭାପତି ଭୋଜରାଜ ସିଂ ବରିହା, କାର୍ଯ୍ୟକାରୀ ସଭାପତି ହରିଶଙ୍କର ଅଗ୍ରୱାଲ, ବେଣୁମାଧବ ଦୋରା, ଅଚ୍ୟୁତାନନ୍ଦ ସେଠ, ଆଶିଷ କୁମାର ବଂଶଲ, ମହେଶ ବେହେରା, ଅକ୍ଷୟ କୁମାର ସାହୁ, ଅଜିତ ପାତ୍ର, ନିକାଶ ନାଏକ ପ୍ରମୁଖ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।


ମାରୱାଡି ଯୁବାମଞ୍ଚ ସଭାପତିଙ୍କୁ ସମ୍ମାନିତ କରାଯାଉଛି।

### କମ୍ପୁଛି ଜଳନ୍ଧର ଦରବାର

**ବୋଡ଼ାସମ୍ବର ଶୀତଳ ଷଷ୍ଠୀ**

**ପଦ୍ମପୁର,୨୪।୫(ଡି.ଏନ.ଏ.)**

ପଦ୍ମପୁର କନସିଂହାରେ ଚାଲିଥିବା ଅଷ୍ଟମ ବୋଡାସମ୍ବର ଶୀତଳ ଷଷ୍ଠୀ ମହୋତ୍ସବର ବୁଧବାର ଥିଲା ଚତୁର୍ଥ ଦିନ। ଏହି ଅବସରରେ ଜଳନ୍ଧର ଦରବାର ବେଶ୍ ଜମିଥିଲା। ଜଳନ୍ଧର ଅଭିନେତା ହୃଷିକେଶ ଭୋଇଙ୍କ ଅଟ୍ଟହାସ୍ୟ, ନିଖୁଣ ଅଭିନୟ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ମହାଦେବଙ୍କ ବରାନୁଗମନ, ପାରମ୍ପରିକ କଳଙ୍ଗୀ ବାଜା, ଡିଜେ, ପଞ୍ଚବାଦ୍ୟ ଶୋଭାଯାତ୍ରାରେ ଦୁଲୁକି ଉଠୁଛି। ଦେବଦମ୍ପତିଙ୍କ ବିବାହ ପାଇଁ କନସିଂହା ଓ ଆଖପାଖ ଅଞ୍ଚଳ ଉତ୍ସବମୁଖର ହୋଇପଡିଛି। ବରପକ୍ଷ ଡାକ୍ତର ଶୁଶିଲ ଶର୍ମା, ରାଜଲକ୍ଷ୍ମୀ ମିଶ୍ର ଓ କନ୍ୟାପକ୍ଷ ନିରଞ୍ଜନ ଦାଶ, ସଙ୍ଗୀତା ଦାଶଙ୍କ ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଇଛି।

### ଧର୍ମ ପରାୟଣା ମହିଳାଙ୍କ ପରଲୋକ

**ବିନିକା,୨୪।୫(ଡି. ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ଏନଏସି ୧୧ନଂ ୱାର୍ଡ ରହିଲା ଗ୍ରାମର ଧର୍ମପରାୟଣା ମହିଳା ସୁଶୀଳା ହୋତା(୯୭)ଙ୍କ ବୁଧବାର ସକାଳେ ପରଲୋକ ହୋଇଯାଇଛି । ସେ ଜଣେ ସରଳ, ମିଷ୍ଟଭାଷୀ, ପରୋପକାରୀ ମହିଳା ଭାବେ ବେଶ ଜଣାଶୁଣା ଥିଲେ। ଆଧାତ୍ମିକ କାର୍ଯ୍ୟକ୍ରମଗୁଡିକରେ ସକ୍ରିୟ ଭୂମିକା ତୁଲାଇ ସମସ୍ତଙ୍କର ପ୍ରିୟ ହୋଇ ପାରିଥିଲେ । ବହୁ ବ୍ୟକ୍ତି ତାଙ୍କ ଘରକୁ ଆସି ଶେଷ ଦର୍ଶନ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ପୁଅ, ବୋହୂ, ନାତି, ନାତୁଣୀ ସମେତ ବନ୍ଧୁବାନ୍ଧବ ଉପସ୍ଥିତ ଥିଲେ । ନିକଟସ୍ଥ ପାପକ୍ଷୟ ଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ବଡ଼ପୁଅ ଦୟାନିଧି ହୋତା ମୁଖାଗ୍ନି ଦେଇଥିଲେ ।

# ସଂକ୍ରୀ ଗ୍ରାମରେ ପୋଖରୀ ସଫେଇ ଅଭିଯାନ

**ପଦ୍ମପୁର/ଝାରବନ୍ଧ,୨୪।୫(ଡି.ଏନ.ଏ.)**

ପଦ୍ମପୁର ଉପଖଣ୍ଡ ଝାରବନ୍ଧ ବ୍ଲକ ସଂକ୍ରୀ ଗ୍ରାମରେ ପୋଖରୀ ସଫେଇ ଅଭିଯାନ ବୁଧବାର ଅନୁଷ୍ଠିତ ହୋଇଯାଇଛି। ନେହେରୁ ଯୁବକେନ୍ଦ୍ରର ମିଶନ ଲାଇଫ ଷ୍ଟାଇଲ ଫର୍ ଏନଭାରମେଣ୍ଟ କାର୍ଯ୍ୟକ୍ରମ ତରଫରୁ ଗାଁରେ ଥିବା ନୂଆଁମୁଡ଼ା ପୋଖରୀକୁ ସମଲେଶ୍ୱରୀ ପାଠାଗାର ଏବଂ ଜ୍ୟୋତି ସ୍ପୋର୍ଟିଂର ସଦସ୍ୟମାନଙ୍କ ସହଯୋଗରେ ସଫେଇ କରାଯାଇଥିଲା। ପୋଖରୀ ଚାରିପଟେ ଥିବା ପ୍ଲାଷ୍ଟିକ, ବୋତଲ, ଅଳିଆ ଆବର୍ଜନା, ଦଳକୁ ସଫା କରାଯାଇଥିଲା। ୱାର୍ଡ ମେମ୍ବର ଦୁର୍ଯ୍ୟୋଧନ ପାଣ୍ଡେ, ଅଜିତ ମହାକୁର, ଦିବ୍ୟ କିଶୋର ପଟେଲ, ମୁକେଶ ସେଠ, ଲକ୍ଷ୍ମୀକାନ୍ତ ପାଣ୍ଡେ, ଦୁର୍ଯ୍ୟୋଧନ ପାଣ୍ଡେ, ରାଜେଶ ପଟେଲ ଏବଂ ଉଭୟ କ୍ଲବ ସଦସ୍ୟ ସହଯୋଗ କରିଥିଲେ। ଜିଲା ଯୁବ ଅଧିକାରୀ ରୋଶନ ଟଣ୍ଡନ ଓ ଉପଦେଷ୍ଟା ତ୍ରିଲୋଚନ ଶତପଥୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ମିଶନ ଶକ୍ତି ପକ୍ଷରୁ ତାଲିମ କାର୍ଯ୍ୟକ୍ରମ

**ବୌଦ୍ଧ,୨୪।୫(ସ୍ୱ.ପ୍ର.):** ମିଶନ ଶକ୍ତି ପକ୍ଷରୁ ବିଭିନ୍ନ ବିଭାଗର ସହଯୋଗିତାରେ ସ୍ୱୟଂ ସହାୟକ ଗୋଷ୍ଠୀ ପାଇଁ ଏକ ତାଲିମ କାର୍ଯ୍ୟକ୍ରମ ମଙ୍ଗଳବାର ଦିନ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ବୌଦ୍ଧ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅବିନାଶ ପାଣ୍ଡିଆ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବରେ ସମନ୍ୱିତ ଶିଶୁ ଅଧିକାରିଣୀ ମିନତୀ ଦେଓ, ଜିଲାସ୍ତରୀୟ ମିଶନ ଶକ୍ତି ଅଧିକାରୀ ଦେବଦୂତ ମିଶ୍ର, ଜିଲା ମତ୍ସ୍ୟ ଅଧିକାରୀ ଲିପସା ପଟ୍ଟନାୟକ ଯୋଗ ଦେଇଥିଲେ। ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ୧୫୦ ଜଣ ମହିଳା ପ୍ରତିନିଧି ଏହି ତାଲିମ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ମିଶନ ଶକ୍ତି ବ୍ଲକ ସଂଯୋଜିକା ସସ୍ମିତା ବାଦୀ, ଜୀବିକା ମିଶନର ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ସତ୍ୟ ପ୍ରକାଶ ବଘାର ମଞ୍ଚ ପରିଚାଳନା କରିଥିଲେ । ବିଜୟ କୁମାର ଭୋଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଯୁବ ଉତ୍ସବ

**ବରଗଡ଼ ଅଫିସ୍,୨୪।୫**

ବରଗଡ଼ ଜର୍ଜ ହାଇସ୍କୁଲ ଏବଂ ନେହେରୁ ଯୁବକେନ୍ଦ୍ରର ମିଳିତ ଆନୁକୂଲ୍ୟରେ ଯୁବ ଉତ୍ସବ ଇଣ୍ଡିଆ ଆଟ୍ ଦି ରେଟ୍ ୨୦୪୭ ପ୍ରାୟ ୩୦୦ ପ୍ରତିଯୋଗିତାକୁ ନେଇ ପାଳିତ ହୋଇଛି। ବରଗଡ଼ ଏମ୍‌ପି ସୁରେଶ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଡଃ ଶେଷନ ବିଶି ମୁଖ୍ୟବକ୍ତା, ଜିଲା କ୍ରୀଡ଼ା ଅଧିକାରୀ ତୁଷାରକାନ୍ତି ମିଶ୍ର, ମନୋରଞ୍ଜନ ସାହୁ, ମହାଶକ୍ତି ଫାଉଣ୍ଡେଶନର ରୋଜାଲିନ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ଚିତ୍ରକଳା, ମୋବାଇଲ ଫଟୋଗ୍ରାଫି, କବିତା ଲିଖନ, ତର୍କ ଓ ଦଳଗତ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ଛନ୍ଦାଚରଣ ଭୋଇ, ଈଶାନ ନନ୍ଦ, ଶିବ ସୁନ୍ଦର ପଟେଲ, ସାହିଲ ମଟୱାନୀ, ଉଦୟ ସା, ଯୋଗେଶ୍ୱରୀ ବେହେରା, ମୌସୁମୀ ଦାଶ, ସ୍ମୃତିରେଖା ନାୟକ, ଶ୍ରୁତି ମିଶ୍ର, ଶ୍ରୁତି ଚୌଧୁରୀ, ଦିପ୍ତୀମୟୀ ସାହୁ, ହିରୋ ଇଣ୍ଡିଆ ବିହାର ପଣ୍ଡିତ, ସାନଭାନ୍ସ ଏକାଡ଼େମୀ, ସୂରଜମୁଖୀ କଳା ପରିଷଦ, ବିଶାଳ ଡାନ୍ସ ଏକାଡ଼େମୀ କୃତିତ୍ୱ ଅର୍ଜନ କରି ପୁରସ୍କୃତ ହୋଇଥିଲେ। ଅମୂଲ୍ୟ ଭୋଇ, ରାଜକିଶୋର ଷଡ଼ଙ୍ଗୀ, ବିନୋଦ ସାହୁ, ଯଶୋବନ୍ତ ମେହେର, ଅସିତ କୁମାର ସାହୁ, ଭାଗବତ ମେହେର, ଡଃ ଶେଷନ ବିଶି, ସଦାଶିବ କର, ସୁପ୍ରଭା ସାମଲ, ସୁଷମା ଦାଶ, ମୋହନ ସାହୁ, ଅମରେନ୍ଦ୍ର ନାରାୟଣ ଯାଦବ, ଗୋପାଳ ଦାଶ, ଶଙ୍କର ପଟ୍ଟନାୟକ, ଅଜିତ ମିଶ୍ର ବିଚାରକ ଭାବେ ଯୋଗଦାନ କରିଥିଲେ। ଏହି ଅବସରରେ ମିଲେଟ୍ ମିଶନ ଷ୍ଟଲରେ ମିଲେଟ ଖାଦ୍ୟ ବିତରଣ କରାଯାଇଥିଲା ଏବଂ ଜଙ୍ଗଲ ବିଭାଗ ତରଫରୁ ଚାରା ବଣ୍ଟନ କରାଯାଇଥିଲା। ସେହିପରି ମୁକ୍ତ ସ୍ୱାସ୍ଥ୍ୟ ପରୀକ୍ଷା ମେଳା, କୋଭିଡ୍, ଫାଇଲେରିଆ ନିରାକରଣ ଷ୍ଟଲ ଖୋଲାଯାଇଥିଲା। ନେହେରୁ ଯୁବ କେନ୍ଦ୍ର ଅଧିକାରୀ ରୋଶନ ଟଣ୍ଡନ, ପରାମର୍ଶଦାତା ସଭ୍ୟ ତ୍ରିଲୋଚନ ଶତପଥି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅନିଲ ସାହୁ, କ୍ଷୀରସିନ୍ଧୁ ଭୋଇ, ତୁଳସୀରାମ ବରିହା, ଜ୍ୟୋତି ବେହେରା, ପ୍ରୀତି ପ୍ରଧାନ, ଆଶୀର୍ବାଦ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।



ଯୁବ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ ।

# ବରଗଡ଼ରେ ସମ୍ବର୍ଦ୍ଧନା ସମାରୋହ

- ସମ୍ବର୍ଦ୍ଧିତ ହେଲେ ଏ-୧ଗ୍ରେଡ୍ ଛାତ୍ରୀଛାତ୍ର
- ଓଏଏସ୍ ଏବଂ ଅନ୍ୟ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା

**ବରଗଡ଼ ଅଫିସ୍,୨୪।୫**

ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲରେ ବୁଧବାର ଏକ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷା ବିଭାଗ ଏବଂ ଆଡିଭର୍ସ ହେଲ୍‌ପିଂ ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଉକ୍ତ ସମାରୋହରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି, ଜିଲା ଶିକ୍ଷାଧିକାରୀ ମିତ୍ରଭାନୁ କଚ୍ଛପ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁ, ଛତ୍ରପତି ସାହୁ, ରାଧାକାନ୍ତ ଛତ୍ରୀ ଏବଂ ଜିଲା ବିଜ୍ଞାନ ନିରୀକ୍ଷକ ଧୀରୋଜ କୁମାର ପଟ୍ଟନାୟକ, ଡିଭର୍ସ ହେଲ୍‌ପିଂ ଫାଉଣ୍ଡେଶନ ଉପଦେଷ୍ଟା ଶ୍ୟାମସୁନ୍ଦର ଅଗ୍ରୱାଲ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଆଡିଭର୍ସ ହେଲପିଂ ଫାଉଣ୍ଡେଶନ ସଭାପତି ଦିବାକର ମାଝି କାର୍ଯ୍ୟକ୍ରମ ସଂଯୋଜନା ଓ ସମ୍ପାଦକ ଭଗବାନ ପ୍ରଧାନ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ।



ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ଛାତ୍ରୀଛାତ୍ର, ପ୍ରତିଭା ।

ଏହି ଅବସରରେ ବରଗଡ଼ ଜିଲାରେ ଚଳିତ ଶିକ୍ଷାବର୍ଷ ମାଟ୍ରିକ ପରୀକ୍ଷାରେ ଏ-୧ ଗ୍ରେଡ୍‌ରେ କୃତକାର୍ଯ୍ୟ ହୋଇଥିବା ୧୦୬ ଛାତ୍ରୀଛାତ୍ର ଏବଂ ଓଡ଼ିଶା ଶିକ୍ଷା ସେବାରେ ଉତ୍ତୀର୍ଣ୍ଣ ହୋଇଥିବା ୧୨ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାସହ ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ସମ୍ବଲପୁରରେ ସ୍ୱର୍ଣ୍ଣପଦକ ପାଇଥିବା ସାଗରିକା ସାହୁ, ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ସ୍ଥାନିତ ହୋଇଥିବା ଅର୍ଣ୍ଣିକା ଅଭିପ୍ସିତା ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ମାଟ୍ରିକ ପରୀକ୍ଷାରେ ଜିଲା ଟପ୍ପର ହୋଇଥିବା ପ୍ରିୟଦର୍ଶିନୀ ବେହେରାଙ୍କୁ ଘାସିରାମ ଭୋଇ ସ୍ମୃତି ସମ୍ମାନ, ଖୁଣ୍ଟପାଲି ଗଙ୍ଗାଧର ମେହେର ହାଇସ୍କୁଲର ମାଟ୍ରିକ ଟପ୍ପର ସନ୍ଦେଶ ବାଗଙ୍କୁ ଈଶ୍ୱର ମାଝି ସ୍ମୃତି ସମ୍ମାନ, ଜିଲାସ୍ତରରେ ମାଟ୍ରିକ ପରୀକ୍ଷାରେ ସବୁବର୍ଷ ଉତ୍କୃଷ୍ଟ ସଫଳତା ହାସଲ କରିଆସୁଥିବା ବରଗଡ଼ ସରସ୍ୱତୀ ଶିଶୁ ମନ୍ଦିରକୁ ସ୍ୱତନ୍ତ୍ର ଭାବେ ସମ୍ମାନ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲାର ସମସ୍ତ ବ୍ଲକର ବ୍ଲକ ଶିକ୍ଷାଧିକାରୀ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଏବଂ ବିଭିନ୍ନ ସ୍କୁଲର ଶିକ୍ଷୟିତ୍ରୀ, ଶିକ୍ଷକମାନେ ଉପସ୍ଥିତ ଥିଲେ। ଲିପିକା ସେଠ, ରଞ୍ଜନ ପଣ୍ଡା, ଶଙ୍କର୍ଷଣ ପ୍ରଧାନ ଏବଂ ଆଡିଭର୍ସ ହେଲ୍‌ପିଂ ଫାଉଣ୍ଡେଶନର ସମସ୍ତ ସଦସ୍ୟ ଏବଂ ଜର୍ଜ ହାଇସ୍କୁଲର ଶିକ୍ଷୟିତ୍ରୀ, ଶିକ୍ଷକ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଟ୍ରାଫିକ୍ ପୋଲିସଙ୍କୁ ଆକ୍ରମଣ, ଯୁବକ ଗିରଫ

**ରାଉରକେଲା ଅଫିସ,୨୪।୫:** ରାଉରକେଲା ଡେଲିମାର୍କେଟ ଛକରେ ଜଣେ ଟ୍ରାଫିକ ପୋଲିସଙ୍କୁ ଆକ୍ରମଣ ଅଭିଯୋଗରେ ପ୍ଲାଣ୍ଟସାଇଟ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଅସିତ ନାୟକ(୩୨)। ତାଙ୍କଠାରୁ ଏକ ବାଇକ ଜବତ କରାଯାଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୧୭୯।୨୩) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ପୋଲିସ ସୂଚନା ଅନୁସାରେ, ଅସିତ ବୁଧବାର ଅପରାହ୍ନ ସାଢ଼େ ୧୨ଟାରେ ରାଉରକେଲା ଡେଲିମାର୍କେଟରୁ ନିଶାସକ୍ତ ଅବସ୍ଥାରେ ଗାଡି ଚଳାଇ ଘରକୁ ଫେରୁଥିଲେ। ଡେଲିମାର୍କେଟ ଛକରେ କାର୍ଯ୍ୟରତ ଟ୍ରାଫିକ ପୋଲିସ ତାଙ୍କୁ ଅଟକାଇବାରୁ ସେ ତାଙ୍କୁ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ। ପୋଲିସ ପିସିଆର ଭ୍ୟାନ ଯୁବକଙ୍କୁ ପିଛା କରି ଷ୍ଟେଶନରୋଡ ସ୍ଥିତ ବିଗ୍‌ବଜାର ସମ୍ମୁଖରେ କାବୁ କରିଥିଲା।

### ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ

**ରାଉରକେଲା ଅଫିସ,୨୪।୫:** ରାଉରକେଲା ହରିଆଣା ଭବନରେ ବୁଧବାର ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ ହୋଇଛି। ହରିଆଣା ନାଗରିକ ସଂଘ ସଭାପତି ନରେଶ ଅଗ୍ରୱାଲ, ସୁରେଶ ଅଗ୍ରୱାଲ, ରାଜେଶ ଅଗ୍ରୱାଲ ସମେତ ଅନ୍ୟମାନେ ଲୋକାର୍ପିତ କରିଥିଲେ। ଏହି ଅବସରରେ ଟ୍ରଷ୍ଟି ବ୍ରିଜମୋହନ ଅଗ୍ରୱାଲ, ବିଷ୍ଣୁ ଦୟାଲ ଅଗ୍ରୱାଲ, ଋଷି ଆର୍ଯ୍ୟା, ରାଜୀବ ଜିନ୍ଦଲ ଓ ଓମ୍‌ପ୍ରକାଶ ଅଗ୍ରୱାଲ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ।

### ଅଜଣା ଗାଡ଼ି ଧକ୍କାରେ ଯୁବକ ଗୁରୁତର

**ଲହୁଣୀପଡ଼ା,୨୪।୫(ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ ଦର୍ଜିଂ ପଞ୍ଚାୟତ ୧୪୩ ନଂ ଜାତୀୟ ରାଜପଥ ମଧୁପୁର ଗ୍ରାମ ନିକଟରେ ବୁଧବାର ସନ୍ଧ୍ୟାରେ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ଚାନ୍ଦିପୋଷ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଯୁବକଙ୍କୁ ପ୍ରଥମେ ଲହୁଣୀପଡ଼ା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ରାଉରକେଲା ସ୍ଥାନାନ୍ତରିତ କରାଯାଇଛି। ଯୁବକଙ୍କ ପରିଚୟ ମିଳିପାରି ନାହିଁ। ପୋଲିସ ଘଟଣାର ତଦନ୍ତ ଚଳାଇଛି।

### କାଳୀ ମନ୍ଦିର ପ୍ରତିଷ୍ଠା ଉତ୍ସବ



**ରାଉରକେଲା ଅଫିସ, ୨୪।୫:** ରାଉରକେଲାର ବାକିୟା ଏୟାରଷ୍ଟ୍ରିପ୍ ନିକଟରେ ବୁଧବାର ନୂତନ କାଳୀ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପଶ୍ଚିମବଙ୍ଗରୁ ମେଦିନାପୁରରୁ ଏକ ପଣ୍ଡିତ ଦଳ ଆସି ଯଜ୍ଞ, ପୂଜାକର୍ମ ତୁଲାଇଥିଲେ। ରାଉରକେଲା ବଙ୍ଗାଳୀ ସଂଘ ପକ୍ଷରୁ ମନ୍ଦିରର ପ୍ରାଣପ୍ରତିଷ୍ଠା କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲାର ଶତାଧିକ ବଙ୍ଗୀୟ ପରିବାର ଅଂଶଗ୍ରହଣ କରିଥିଲେ। ମନ୍ଦିର କମିଟି ଅଧ୍ୟକ୍ଷ ଏମ୍. ଏମ୍. ହାଲଦାରଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଜୟନ୍ତ କୁମାର ସାହା, ମାନିକ ଚୌଧୁରୀ ପ୍ରମୁଖ ମନ୍ଦିର କମିଟି ସଦସ୍ୟ ସହଯୋଗ କରିଥିଲେ।

# ସେବା ଆଗରେ ହାର ମାନିଛି ବୟସ

**ରାଉରକେଲା ଅଫିସ, ୨୪।୫**

ଷ୍ଟିଲସିଟି ରାଉରକେଲାରେ ତାପମାତ୍ରା ପାରଦ ୪୨ ଡିଗ୍ରୀ ପାର୍ କରିଛି। ପୂର୍ବାହ୍ନ ୧୧ଟାରୁ ରାସ୍ତାଘାଟ ଶୂନ୍‌ଶାନ୍ ହୋଇଯାଉଛି। ଲୋକେ ତାତିରୁ ରକ୍ଷା ପାଇବା ପାଇଁ ଘର ଭିତରେ ରହୁଥିବା ବେଳେ ଶକ୍ତି ନଗର ଅଞ୍ଚଳର କିଛି ମହିଳା ବରିଷ୍ଠ ନାଗରିକ ତୃଷାତୁରମାନଙ୍କୁ ଜଳଦାନ କରିବାକୁ ଆଗେଇ ଆସିଛନ୍ତି। ଏଭଳି ସେବା ମନୋଭାବ ଦେଖି ଅଞ୍ଚଳବାସୀ ସେମାନଙ୍କୁ ପ୍ରଶଂସା କରିବା ସହ ଉତ୍ସାହିତ କରିଛନ୍ତି।

ଶକ୍ତି ନଗର ଅଞ୍ଚଳର ସନ୍ଧ୍ୟାରାଣୀ ପଟ୍ଟନାୟକ(୭୬), ଶ୍ରୀମତୀ ନାୟକ(୭୪) ଏବଂ ଆଶାଲତା ଦାସ(୭୬)। ୨୦୧୫ ମସିହାରୁ ସେମାନେ ଉଦୁଉଦିଆ ଖରା ସମୟରେ ପ୍ରବଳ ତାତିକୁ ଖାତିର ନ କରି ଶକ୍ତି



ଜଳଦାନ କରୁଥିବା ବରିଷ୍ଠ ମହିଳା ନାଗରିକଗଣ।

ନଗର ଓ କୋଏଲ ନଗର ସି ବ୍ଲକ ମଧ୍ୟବର୍ତ୍ତୀ ସ୍ଥାନରେ ଜଳଛତ୍ର ଖୋଲି ତୃଷାତୁର ପଥିକମାନଙ୍କୁ ଜଳଦାନ କରିଆସୁଛନ୍ତି। ୮ ବର୍ଷ ତଳେ ସେମାନେ ପ୍ରାତଃ ଭ୍ରମଣ କରିବାକୁ ଯାଉଥିଲେ। ଖରାଦିନେ ରାସ୍ତାରେ ପାଣି ବ୍ୟବସ୍ଥା ନ ଥିବା ଦେଖି ସମସ୍ତ ବରିଷ୍ଠ ମହିଳା ନାଗରିକ ଏକ ଜଳଛତ୍ର ଖୋଲିବାକୁ ନିଷ୍ପତ୍ତି ନେଲେ। ସେମାନେ ସମସ୍ତ ଆୟୋଜନ କରିପାରିବେ ନାହିଁ ବୋଲି ଉପଲବ୍ଧି କରି ସ୍ଥାନୀୟ ଯୁବକଙ୍କ ସହଯୋଗ ଲୋଡିଥିଲେ। ଏହି ୩ଜଣଙ୍କ ସହ ସ୍ୱର୍ଣ୍ଣପ୍ରଭା ପଣ୍ଡା ନାମକ ଅନ୍ୟ ଜଣେ ମହିଳା ସହଯୋଗ କରିଥିଲେ। କୋଭିଡ ଯୋଗୁ ୨ ବର୍ଷ ଜଳଛତ୍ର ବନ୍ଦ ରହିଥିଲା। ସ୍ୱର୍ଣ୍ଣପ୍ରଭା କର୍କଟ ରୋଗରେ ପୀଡ଼ିତ ହୋଇ ଆରପାରିକୁ ଚାଲିଯାଇଥିଲେ ମଧ୍ୟ ଏହି ୩ ବୃଦ୍ଧାଙ୍କ ସମାଜସେବା ନିଶା ତୁଟି ନ ଥିଲା ବୋଲି ସନ୍ଧ୍ୟାରାଣୀ କୁହନ୍ତି। ଜଳଛତ୍ରରେ ଶୁଦ୍ଧ ପେୟ ଜଳ ବ୍ୟତୀତ ବିଭିନ୍ନ ଦିନମାନଙ୍କରେ ବେଲ, ସ୍କ୍ୱାଶ, ଆଖୁ ରସ, ପଣା ଓ ଅନ୍ୟ ସର୍ବତ ମଧ୍ୟ ବଣ୍ଟନ କରାଯାଇଥାଏ। ଏଥିପାଇଁ ସମସ୍ତ ସାମଗ୍ରୀ ସେମାନଙ୍କୁ ଯୋଗାଡ କରିବାକୁ ପଡିଥାଏ ବୋଲି ଶ୍ରୀମତୀ କହିଛନ୍ତି। ସେହିପରି ଆଶାଲତା କୁହନ୍ତି, ପରିଣତ ବୟସରେ ଅଧିକ ସ୍ୱାସ୍ଥ୍ୟ ସମସ୍ୟା ଥିଲେ ମଧ୍ୟ ପଣା ସଂକ୍ରାନ୍ତିରୁ ୨ ମାସ ପର୍ଯ୍ୟନ୍ତ ନିରନ୍ତର ଜଳଛତ୍ର ଚାଲିଥାଏ। ପାଳି କରି ଖରା ସମୟରେ ସେବା ଯୋଗାଇଥାଉ। ଏଥିରେ ଶାନ୍ତି ମିଳୁଛି। ଯେତେ ଦିନ ପର୍ଯ୍ୟନ୍ତ ପିଣ୍ଡରେ ପ୍ରାଣ ଅଛି ସେବା ଜାରି ରହିବ ବୋଲି ସେ କହିଥିଲେ।

# ଶ୍ରମ ମନ୍ତ୍ରୀ ଶାରଦା ନାୟକଙ୍କୁ ସମ୍ବର୍ଦ୍ଧନା

**ରାଉରକେଲା ଅଫିସ,୨୪।୫**

ରାଜ୍ୟ ମନ୍ତ୍ରୀମଣ୍ଡଳରେ ସାମିଲ ହୋଇଥିବା ଶ୍ରମ ମନ୍ତ୍ରୀ ଶାରଦା ନାୟକଙ୍କୁ ବୁଧବାର ସମ୍ବର୍ଦ୍ଧନା ଦିଆଯାଇଛି। ଭୁବନେଶ୍ୱରରୁ ରାଉରକେଲା ଆସିବା ବାଟକରେ ବଣେଇରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ସନ୍ଧ୍ୟାରେ ଜେଲ ରୋଡ୍ ସ୍ଥିତ ଗ୍ରୀନ୍ ପାମ୍‌ଠାରେ ରାଉରକେଲା ବିଜେଡ଼ି ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ବିଜେଡ଼ି ମୁଖପାତ୍ର ଜୟନ୍ତ ମିଶ୍ରଙ୍କ ସଂଯୋଜନାରେ ନଗର ସଭାପତି ଗଗନ ପଣ୍ଡା, ଆନନ୍ଦ ମହାନ୍ତି, ବ୍ରିଜମୋହନ ଅଗ୍ରୱାଲ, ସୁଦାମ ଦାଶ, ସୁବାସ ସ୍ୱାଇଁ, ସୁଶାନ୍ତ ରାଉତ, ଜ୍ୟୋତ୍ସ୍ନା ନାୟକ, ରଶ୍ମିବାଳା ମିଶ୍ର, ଇନ୍ଦିରା ନାୟକ, ଲିଟୁ ପୁହାଣ, ସୁରେନ୍ଦ୍ର ରାଉତ, ସୁଦାମ ପ୍ରଧାନ, ଅକ୍ଷୟ ପାତ୍ରଙ୍କ ସମେତ ୪୦ଟି ୱାର୍ଡର କର୍ମକର୍ତ୍ତା ତଥା ରଘୁନାଥପାଲ୍ଲୀ ନିର୍ବାଚନ ମଣ୍ଡଳୀ, ବିଶ୍ରା ବ୍ଲକର ଶୁଭେଚ୍ଛୁମାନେ ମନ୍ତ୍ରୀ ନାୟକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ସେମାନେ କେକ୍ କାଟି, ବାଜା ବାଣ ଫୁଟାଇ ଖୁସି ପାଳନ କରିଥିଲେ।



ମନ୍ତ୍ରୀ ଶାରଦା ନାୟକଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

# ସିସିଟିଭି ଅବ୍ୟବସ୍ଥା ନେଇ ଏସ୍‌ପିଙ୍କୁ ଫେରାଦ



ଏସ୍‌ପି ଅଫିସ ସମ୍ମୁଖରେ ସଂଘର କର୍ମକର୍ତ୍ତା।

**ରାଉରକେଲା,୨୪।୫**

ସ୍ମାର୍ଟସିଟି ରାଉରକେଲା ହେବ ଅପରାଧ ମୁକ୍ତ ସହର। ଟ୍ରାଫିକ ବ୍ୟବସ୍ଥା ହେବ ସୁଦୃଢ଼। ନିୟନ୍ତ୍ରଣରେ ରହିବ ଅପରାଧିଙ୍କ ଗତିବିଧି। ଏଭଳି ଉଦ୍ଦେଶ୍ୟ ନେଇ ରାଉରକେଲା ସ୍ମାର୍ଟସିଟି ଲିମିଟେଡ୍ ପକ୍ଷରୁ ସହରସାରା ସିସିଟିଭି ଲଗାଇବା ପାଇଁ ପଦକ୍ଷେପ ହାତକୁ ନିଆଗଲା। ସହରର ୧୩ଟି ଜନବହୁଳ ସ୍ଥାନରେ ୧୧୦ଟି ସିସିଟିଭି ଯୋଗେ ୧୩୦କିମି ବ୍ୟାପୀ ଆପରାଧିକ ଗତିବିଧିକୁ ନିୟନ୍ତ୍ରଣ କରିବା ପାଇଁ ସ୍ଥିର ହୋଇଥିଲା। ସହରର ୩୧୫ଟି ସ୍ଥାନରେ ଏଥିପାଇଁ ସର୍ଭେ କରି ସମସ୍ତ ବ୍ୟବସ୍ଥା ହେଲା। ମାତ୍ର ସହରରେ ସିସିଟିଭି କ୍ୟାମେରା ବ୍ୟବସ୍ଥିତ ହେଲାନାହିଁ। ଏଭଳି ଅଭିଯୋଗ ନେଇ ସ୍ଥାନୀୟ ଜାତୀୟ ମାନବାଧିକାର ସଂଘ ପକ୍ଷରୁ ରାଉରକେଲା ଏସ୍‌ପିଙ୍କୁ ଫେରାଦ ହୋଇଛି। ଏସ୍‌ପି ମିତ୍ରଭାନୁ ମହାପାତ୍ର ଯଥାଶୀଘ୍ର ସିସିଟିଭି କ୍ୟାମେରା ମାଧ୍ୟମରେ ଆପରାଧିକ ଗତିବିଧି ରୋକାଯିବ ବୋଲି ଆଶ୍ୱାସନା ଦେଇଛନ୍ତି।

# ସ୍ୱାସ୍ଥ୍ୟ, ଆରୋଗ୍ୟ କେନ୍ଦ୍ରରୁ ଲୁଟ୍

**କୁତ୍ରା,୨୪।୫( ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା କୁତ୍ରା ଥାନା ଅନ୍ତର୍ଗତ ପଞ୍ଚରାଠାରେ ଥିବା ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରୁ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ଇନଭୋଟର, ୨ ବେଟେରୀ ଓ ଗୋଟିଏ ପ୍ରିଣ୍ଟର ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ କେବେ କେହି ରହୁ ନ ଥିବାରୁ ଚୋରମାନେ ଏହାର ଫାଇଦା ଉଠାଇଥିବା ଗ୍ରାମବାସୀ କହିଛନ୍ତି। ଏଠାରେ ନିଯୁକ୍ତ ଥିବା ଜଣେ ଏଏନ୍‌ଏମ୍ ଦିଦି କେବେ ଅସୁନଥିବା କହିଛନ୍ତି ଗ୍ରାମବାସୀ। ଯେଉଁଦିନ କୌଣସି ଟୀକା ଦେବାର ଥିବ କିମ୍ବା କୌଣସି ଗୁରୁତ୍ୱପୂର୍ଣ୍ଣ କାମ ଥିବ ସେ ଆସନ୍ତି। କିନ୍ତୁ ଅନ୍ୟ ଦିନଗୁଡ଼ିକରେ ତାଙ୍କର ଦେଖା ନଥାଏ। ଅନ୍ୟ ପକ୍ଷରେ କୁତ୍ରା ପୋଲିସ ପକ୍ଷରୁ କରାଯାଉଥିବା ପାଟ୍ରୋଲିଂ କେବଳ ରାଜ୍ୟରାଜପଥରେ ସୀମିତ ରହୁଛି। ଏଥିପ୍ରତି ଦୃଷ୍ଟି ଦେଇ ମଝି ମଝିରେ ଗ୍ରାମାଞ୍ଚଳ ଗୁଡ଼ିକରେ ମଧ୍ୟ ପାଟ୍ରୋଲିଂ କଲେ ଚୋରଙ୍କ ମନରେ ଭୟ ସୃଷ୍ଟି ହେବ ବୋଲି ବୃଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ଏନେଇ କୁତ୍ରା ମେଡିକାଲ ପିଏଚ୍‌ସି ବୁଧୁଆ ଓରାମଙ୍କୁ ପଚାରିବାରୁ ସେଠାରେ ଦାୟିତ୍ୱରେ ଥିବା ଏଏନ୍‌ଏମ୍ ଓ ନର୍ସ କେନ୍ଦ୍ରରେ ରହିବା କଥା। କିନ୍ତୁ ସେମାନେ ରହୁନାହାଁନ୍ତି। ତେଣୁ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ ସେ ସୂଚନା ଦେଇଛନ୍ତି।

# ପ୍ରଶିକ୍ଷାର୍ଥୀଙ୍କୁ ପାଠ୍ୟ ପୁସ୍ତକ ବଣ୍ଟନ

**ରାଉରକେଲା ଅଫିସ,୨୪।୫**

ରାଉରକେଲା ସିଭିଲ ଟାଉନଶିପ୍‌ଠାରେ ଥିବା ଦକ୍ଷତା ତାଲିମ କେନ୍ଦ୍ରରେ ପ୍ରଶିକ୍ଷାର୍ଥୀମାନଙ୍କୁ ପରୀକ୍ଷା ଉପଯୋଗୀ ପୁସ୍ତକ ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ରାଉରକେଲା ଅତିରିକ୍ତ ଜିଲାପାଳ ଡା. ଶୁଭଙ୍କର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଶିକ୍ଷାର୍ଥୀଙ୍କୁ ପୁସ୍ତକ ବଣ୍ଟନ ସହ ବର୍ତ୍ତମାନର ପ୍ରତିଯୋଗିତାମୂଳକ ସମାଜରେ ନିଯୁକ୍ତି ପାଇଁ ପାଠ୍ୟ ବୈଷୟିକ ନିପୁଣତା ହାସଲ କ୍ଷେତ୍ରରେ ସର୍ବଦା ଜାଗ୍ରତ ହୋଇ ପାଠ ପଢିବା ଆବଶ୍ୟକ ବୋଲି ସେ ମାର୍ଗଦର୍ଶନ କରିଥିଲେ। ଜିଲା କର୍ମ ନିୟୋଜନ ଅଧିକାରୀ ଜ୍ୟୋତି ପ୍ରକାଶ ସେଠୀ ସମ୍ମାନୀତ ଅତିଥି ଭାବେ ଯୋଗଦାନ ଦେଇ ଜୀବନରେ ସ୍ୱପ୍ନ ଦେଖି ଆଗକୁ ବଢିବାକୁ ପରାମର୍ଶ ଦେଇଥିଲେ। ନିୟତି ଫାଉଣ୍ଡେଶନର ଅଧ୍ୟକ୍ଷ ନିର୍ମଳ କୁମାର ପଣ୍ଡା, ଇତିଶ୍ରୀ ପଣ୍ଡା, ଲିପ୍‌ସା ଆକାଂକ୍ଷା, ସୌଭାଗ୍ୟ ମହାନ୍ତି, ଜିତୁ ପ୍ରକାଶ ମଲ୍ଲିକ, ମୋନାଲିସା ବେହେରା, ତିଲୋତ୍ତମା ମହାନ୍ତି, ଦିବ୍ୟା ଷଡଙ୍ଗୀ, ସୁବ୍ରତ ପାଲ ପ୍ରମୁଖ ଉପସ୍ଥିତ ଥିଲେ।



ଅତିରିକ୍ତ ଜିଲାପାଳ ପାଠ୍ୟ ପୁସ୍ତକ ବଣ୍ଟନ କରୁଛନ୍ତି।

# ସରକାରୀ ମହାବିଦ୍ୟାଳୟ ପୁରାତନ ଛାତ୍ର ସଂଘ ବୈଠକ

## ସ୍ୱୟଂଶାସିତ ମହାବିଦ୍ୟାଳୟ ପାଇଁ ଉଠିଲା ଦାବି

**ସୁନ୍ଦରଗଡ଼,୨୪।୫(ଡି.ଏନ୍.ଏ.)**

ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟର ପୁରାତନ ଛାତ୍ର ସଙ୍ଘ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ସଂଘ ସଭାପତି ଡ. ଚିରବ୍ରତ ଦତ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମହାବିଦ୍ୟାଳୟର ପୁରାତନ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ବୈଠକରେ ମହାବିଦ୍ୟାଳୟର ଭିତ୍ତିଭୂମି, ଶିକ୍ଷାଦାନ, ପାରିପାର୍ଶ୍ୱିକ ବ୍ୟବସ୍ଥା ଓ ପରିଚାଳନା ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ.ଲଳିତ ରଞ୍ଜନ ସାହୁ ଏଥିରେ ଯୋଗଦେଇ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଧୀନ ମହାବିଦ୍ୟାଳୟମାନଙ୍କ ମଧ୍ୟରେ ଏହି ପୁରାତନ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଉତ୍କର୍ଷତା ପ୍ରତିପାଦନ କରି କିଭଳି ବିଭିନ୍ନ କ୍ଷେତ୍ରରେ ନିଜକୁ ପ୍ରତିଷ୍ଠିତ କରିପାରିଛନ୍ତି ସେ ନେଇ ଆଲୋକପାତ କରିଥିଲେ। ମହାବିଦ୍ୟାଳୟ ଯଦିଓ ପୂର୍ବାପେକ୍ଷା ବିକାଶଶୀଳ ଅବସ୍ଥାରେ ରହିଛି ତଥାପି,



ବୈଠକରେ ଉପସ୍ଥିତ ଅତିଥିଗଣ।

ଜିଲାର ପୁରାତନ ମହାବିଦ୍ୟାଳୟ ଭାବରେ ଭିତ୍ତିଭୂମି ଓ ଭୌଗୋଳିକ ଦୃଷ୍ଟିରୁ ବିଚାରକଲେ ଏହା ବର୍ତ୍ତମାନ ସୁଦ୍ଧା ସ୍ୱୟଂଶାସିତ ମହାବିଦ୍ୟାଳୟର ମାନ୍ୟତା ନ ପାଇବା ବିଡମ୍ବନାର ବିଷୟ ବୋଲି ପୁରାତନ ଛାତ୍ରୀଛାତ୍ର ଉଦ୍‌ବେଗ ପ୍ରକାଶ କରିଥିଲେ। ଏହି ମହାବିଦ୍ୟାଳୟକୁ କେବଳ ସ୍ୱୟଂଶାସିତ ନୁହେଁ ବରଂ ଏହାକୁ ଏକ ବିଶ୍ୱବିଦ୍ୟାଳୟରେ ପରିଣତ କରିବାକୁ ସରକାର ପଦକ୍ଷେପ ନେବାକୁ ଦାବି ହୋଇଥିଲା। ଏଥିପାଇଁ ପୁରାତନ ଛାତ୍ରୀଛାତ୍ରମାନେ ଅଞ୍ଚଳ ବାସୀଙ୍କ ତରଫରୁ ସ୍ୱର ଉତ୍ତୋଳନ କରିବା ପାଇଁ ବୈଠକରେ ସ୍ଥିର ହୋଇଛି। ଏଥିପାଇଁ ଜୁନ ୨୬ରେ ପୁରାତନ ଛାତ୍ରୀଛାତ୍ରମାନେ ଏହି ଦାବି ନେଇ ସୁନ୍ଦରଗଡ଼ ସହର ପରିକ୍ରମା କରି ଜନସଚେତନତା ସୃଷ୍ଟି କରିବେ। ମହାବିଦ୍ୟାଳୟ ପରିସରରେ ଯଥାଶୀଘ୍ର ଏକ ଏଟିଏମ୍ କାଉଣ୍ଟର ସହ ବ୍ୟାଙ୍କ ଶାଖା ଖୋଲାଯିବା, ଲାଇବ୍ରେରୀ, ଶ୍ରେଣୀ ଗୃହ, ଲାବୋରୋଟାରୀ ଓ ହଷ୍ଟେଲଗୁଡ଼ିକୁ ମଝିରେ ମଝିରେ ପରିଦର୍ଶନ କରିବା ପାଇଁ ଆଲୋଚନା ହୋଇଥିଲା। ଏଥିପାଇଁ ଛୋଟ ଛୋଟ କମିଟି ଗଠନ କରାଯାଇଛି। ବୈଠକରେ ସରଦେନ୍ଦୁ ମହାପାତ୍ର, ସୁସ୍ମିତା ଯୋଶୀ, ନଟକିଶୋର ମହାପାତ୍ର, ସୁମନ୍ତ ପଣ୍ଡା, ଗୋବିନ୍ଦ ଚନ୍ଦ୍ର ସୁଆର, ପ୍ରଭାତ ଭୋଳ, ବେଣୁମାଧବ ତ୍ରିପାଠୀ, ପ୍ରତାପ ଚନ୍ଦ୍ର ତ୍ରିପାଠୀ, ପ୍ରଦୀପ ବହିଦାର, ପ୍ରଦୀପ ମହାନ୍ତି, ପଞ୍ଚା ବାର୍ଲା, ରାଜେନ୍ଦ୍ର ପଟେଲ, ଦିଗାମ୍ବର ପଟେଲ, ଦୋଳଗଞ୍ଜନ ନାୟକ, ଧରଣୀଧର ପଟେଲ, ନରେନ୍ଦ୍ର କୁମାର ସିଂ, ଅଜିତ କୁମାର ଦ୍ୱିବେଦୀ, ଅଂଶୁମାନ ଲୋହାର, ଆଞ୍ଜେଲିନା କିଣ୍ଡୋ, କୁମୁଦିନୀ ରାଉତରାୟ ପ୍ରମୁଖ ଯୋଗ ଦେଇଥିଲେ।

# ଦେଶୀ ମଦ ଜବତ, ଜଣେ ଗିରଫ

**ରାଉରକେଲା ଅଫିସ,୨୪।୫**

ଦେଶୀ ମଦ ଚାଲାଣ ବେଳେ ରାଉରକେଲା ଅବକାରୀ ବିଭାଗ ରେଲୱେ କଲୋନୀ ଗୋପବନ୍ଧୁପାଲ୍ଲୀ ଛକରେ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଏସ୍. କେ. ଅଜିତ (୨୫)। ତାଙ୍କଠାରୁ ୩୦ ଲିଟର ଦେଶୀ ମଦ ଓ ସ୍କୁଟି (ନଂ. ଓଡ଼ି୧୪ଏଲ/୮୩୯୩) ଜବତ କରାଯାଇଛି।

# ଆର୍‌ଏସ୍‌ପିର ମୌସୁମୀ ପ୍ରସ୍ତୁତି କାର୍ଯ୍ୟଧାରା ଆରମ୍ଭ

**ରାଉରକେଲା ଅଫିସ,୨୪।୫**

ଆର୍‌ଏସ୍‌ପି ସିଭିଲ ଇଞ୍ଜିନିୟରିଂ ସର୍ଭିସେସ୍ ପକ୍ଷରୁ ଆଗାମୀ ମୌସୁମୀ ଋତୁରେ ନିରବିଚ୍ଛିନ୍ନ ଉତ୍ପାଦନ ସୁନିଶ୍ଚିତ କରିବା ପାଇଁ ସମସ୍ତ ମୌସୁମୀ ଜନିତ କାର୍ଯ୍ୟଧାରା ସମ୍ପାଦିତ ହେଉଛି। ବନ୍ୟା ଭଳି ପରିସ୍ଥିତିକୁ ମୁକାବିଲା କରିବା ପାଇଁ ୨୦୨୩ ବର୍ଷରେ ଷ୍ଟାଣ୍ଡିଂ କମିଟି ଦ୍ୱାରା ଏକ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି। ଏହି ଷ୍ଟାଣ୍ଡିଂ କମିଟିରେ ସେବା ବିଭାଗର ସିଜିଏମ ଇନ୍‌ଚାର୍ଜ ଦେବବ୍ରତ ଦତ୍ତ, ଇଲେକ୍ଟ୍ରିକ ବିଭାଗର ସିଜିଏମ୍ ଏମ୍. କେ. ମହାନ୍ତି, ମେକାନିକାଲ ବିଭାଗର ଆର୍. ଏନ୍. ରାଜେନ୍ଦ୍ରନ୍ ସାମିଲ ହୋଇଥିଲେ। କାର୍ଯ୍ୟଖସଡ଼ା ଅନୁଯାୟୀ, ନାଳ ଗୁଡ଼ିକ ସଫେଇ, ଚେକ୍ ପଏଣ୍ଟ ସଫେଇ, ଭୂପୃଷ୍ଠ ଜଳକୁ ଅଣ୍ଡର ଗ୍ରାଉଣ୍ଡ ଗ୍ରେଟ ଗ୍ରିଲ ସଫା, ତିଳକାନଗରଠାରୁ ପ୍ରମୁଖ ସୀମା ପ୍ରାଚୀର ସଫେଇ କରାଯାଉଛି। ସେହିପରି ଆରଏସପି, ଏନ୍‌ଏସ୍‌ପିସିଏଲ ଓ ଫର୍ଟିଲାଇଜର ନାଳର ବର୍ଜ୍ୟଜଳ ନିଷ୍କାସନ କରୁଥିବା ଗୁରାଣ୍ଡି ନାଳର ସଫେଇ ସହ ଉତ୍ତର, ଦକ୍ଷିଣ ଚ୍ୟାନେଲଗୁଡ଼ିକ ସଫେଇ କରାଯାଇଛି। ଅନୁରୂପ ଭାବେ ଆର୍‌ସିଏମ୍ ବିଲ୍ଡିଂ, କୋକ ଓଭେନ ବ୍ୟାଟେରୀ, ୧, ୨ ଓ ୩ ନିକଟରେ ସଫେଇ କାର୍ଯ୍ୟ ଚାଲୁ ରହିଛି। ସିଭିଲ ଇଞ୍ଜିନିୟରିଂ ସେବା କାର୍ଯ୍ୟାଳୟ ଓ ମରାମତି ନିର୍ମାଣରେ ଜରୁରୀକାଳୀନ ପରିସ୍ଥିତିରେ ମୁକାବିଲା ପାଇଁ ବନ୍ୟା ନିୟନ୍ତ୍ରଣ କକ୍ଷ ଜୁନ୍ ୧୫ ତାରିଖରୁ କାର୍ଯ୍ୟ ଆରମ୍ଭ କରିବ ବୋଲି ସୂଚନା ମିଳିଛି।

# ନାଟ୍ୟାନୁଷ୍ଠାନ ଏକତ୍ରର ଆଲୋଚନାଚକ୍ର

**ରାଉରକେଲା ଅଫିସ, ୨୪।୫**

ଇସ୍ପାତ ନଗରୀ ରାଉରକେଲାର ୨୪ଟି ନାଟ୍ୟାନୁଷ୍ଠାନକୁ ନେଇ ଗଠିତ 'ଏକତ୍ର' ତରଫରୁ ସେକ୍ଟର-୭ ମଧୁ ମଣ୍ଡପରେ ବୁଧବାର ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ତଥା ନାଟ୍ୟକାର ନବୀନ ପରିଡା ମୁଖ୍ୟ ଆଲୋଚକ ଭାବେ ଯୋଗଦେଇ ଲିଖିତ ନାଟକର ୬ଟି ଉପାଦାନ, ୩ ଦ୍ୱନ୍ଦ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ନିର୍ଦ୍ଦେଶକ ତଥା ଅଭିନେତା କୈଳାଶ ପାଣିଗ୍ରାହୀ ନାଟକର ଧର୍ମ, ମଞ୍ଚ ନାଟକର ଧର୍ମ, ଦୃଶ୍ୟ ବିମ୍ବ ଓ ମାଧ୍ୟମ, ଦୃଶ୍ୟକାବ୍ୟର ଭୂମିକା, କାଳ୍ପନିକ ମଞ୍ଚାୟନ, ବାସ୍ତବ ମଞ୍ଚାୟନ, ଦୃଶ୍ୟବିମ୍ବର ସମାହାର ସମ୍ପର୍କରେ ଆଲୋଚନା କରିଥିଲେ। ନାଟ୍ୟକାର ସଞ୍ଜୟ ହାତୀ ନାଟକର ବିଭିନ୍ନ ଦିଗ ଏବଂ ନାଟ୍ୟକାର ନଳିନୀ ନିହାର ନାୟକ ଆଧୁନିକତା ସହ ତାଳ ମିଳାଇ ନାଟକ ପର୍ଯ୍ୟବେଶିତ ହେବା ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରାରମ୍ଭରେ ସାଧାରଣ ସମ୍ପାଦକ ସ୍ୱଦେଶ ନାୟକ ସ୍ୱାଗତ ଭାଷଣ ଓ କାର୍ଯ୍ୟକାରୀ ସଭାପତି ଆଲୋକ ବୋଷ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭାପତି ରାଜୀବ ପାଣି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଜ୍ଞାନନ୍ଦ ମହାନ୍ତି, କନକଲତା ଦାସ, ସୂର୍ଯ୍ୟରଶ୍ମି ଦାସ, ପ୍ରବୀର ଜେନାଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ। ଶେଷରେ ରମେଶ ଚନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।




ଆଲୋଚନାଚକ୍ରରେ ମଞ୍ଚାସୀନ ଆଲୋଚକଗଣ।

# ରାସ୍ତା, ଡ୍ରେନ୍, ଷ୍ଟ୍ରିଟ୍ ଲାଇଟ୍ ମୁଖ୍ୟ ସମସ୍ୟା

**ରାଉରକେଲା ମହାନଗର ନିଗମ ୫ନମ୍ବର ୱାର୍ଡ**

**ରାଉରକେଲା ଅଫିସ,୨୪।୫**

ରାଉରକେଲା ଆର୍‌ଏମ୍‌ସି ଅଧୀନ ୫ନଂ. ୱାର୍ଡରେ ପାନପୋଷ, କୋଏଲ ବ୍ୟାଙ୍କ ଏବଂ ଖରିଆବାହାଲ ଅଞ୍ଚଳ ରହିଛି। ଜନସଂଖ୍ୟା ପ୍ରାୟ ୫ ହଜାରରୁ ଊର୍ଦ୍ଧ୍ୱ ହେବ। ଏହି ୱାର୍ଡର ମୁଖ୍ୟ ସମସ୍ୟା ହେଉଛି ରାସ୍ତା, ଡ୍ରେନେଜ ଓ ଷ୍ଟ୍ରିଟ୍ ଲାଇଟ। ଦୀର୍ଘଦିନ ଧରି ଏଠାକାର ରାସ୍ତା ମରାମତି ହେଉନାହିଁ। ଫଳରେ ୱାର୍ଡବାସୀ ଯାତାୟାତରେ ସମସ୍ୟା ଭୋଗୁଛନ୍ତି। ଏଲ୍‌ଏନ୍‌ଟି ପକ୍ଷରୁ ୱାର୍ଡର ପ୍ରତି ଗଳିରୁ ଅଳିଆ ପାଣି ନିଷ୍କାସନ ନିମନ୍ତେ ଡ୍ରେନେଜ ବ୍ୟବସ୍ଥା କରାଗଲା। ମାତ୍ର ଡ୍ରେନେଜ ଉପରେ ସିଧାସଳଖ ପ୍ୟାକିଂ କରିଦିଆଯିବାରୁ ଅଳିଆ ପାଣି ରାସ୍ତାରେ ବହୁଛି। ରାସ୍ତାର ଦୟନୀୟ ଅବସ୍ଥା ଯୋଗୁ ମେଡିକାଲ କାମ ପଡିଲେ ଜରୁରୀ ସମୟରେ ରୋଗୀଙ୍କ ନିକଟକୁ ଆମ୍ବୁଲାନ୍ସ ପହଞ୍ଚିବା କଷ୍ଟକର ହେଉଛି। ବର୍ଷା ସମୟରେ ରାସ୍ତାରେ ପାଣି ଲହଡି ମାରୁଛି। ସେହିପରି ମଦର୍ସ ସୁଫିୟାନା ରାସ୍ତାଠାରୁ ପାନପୋଷ ଶବ ବ୍ୟବଚ୍ଛେଦ କେନ୍ଦ୍ର ପର୍ଯ୍ୟନ୍ତ ଷ୍ଟ୍ରିଟ୍ ଲାଇଟ ଲଗାଯାଇନାହିଁ। ଫଳରେ ଲୋକମାନେ ରାତ୍ରି ଅନ୍ଧାରରେ ଯାତାୟାତ କରୁଛନ୍ତି। ଆର୍‌ଏମ୍‌ସି ପକ୍ଷରୁ ତୁରନ୍ତ ପଦକ୍ଷେପ ନିଆଗଲେ ୱାର୍ଡବାସୀଙ୍କ ସମସ୍ୟା ଦୂରୀକରଣ ହୁଅନ୍ତା ବୋଲି ୫ନଂ. ୱାର୍ଡ ବାସିନ୍ଦା ଏମ୍‌ଡି ଅର୍ଷଦ ଅଲ୍ଲୀ ପ୍ରକାଶ କରିଛନ୍ତି। ଏ ନେଇ ଆର୍‌ଏମ୍‌ସି ଡେପୁଟି କମିଶନର ସୁଧାଂଶୁ ଭୋଇଙ୍କୁ ପଚାରିବାରୁ ୫ନଂ. ୱାର୍ଡର ସମସ୍ୟା ସମାଧାନ ନିମନ୍ତେ ଯଥାଶୀଘ୍ର ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ ପ୍ରକାଶ କରିଥିଲେ।



ରାସ୍ତାରେ ଅଳିଆପାଣି ବହୁଛି।

## ସଂକ୍ଷେପରେ

### ଦୁର୍ଘଟଣାରେ ଫାର୍ମାସିଷ୍ଟ ମୃତ

ଲୋଇସିଂହା,୨୪।୫(ଡି.ଏନ.ଏ): ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ବେନ୍ଦ୍ରା ଉପସ୍ୱାସ୍ଥ୍ୟ କେନ୍ଦ୍ରରେ ଫାର୍ମାଶିଷ୍ଟ ଭାବେ କାମ କରୁଥିବା ସୋମନାଥ ଧରୁଆଙ୍କ ସଡକ ଦୁର୍ଘଟଣାରେ ମଙ୍ଗଳବାର ମୃତ୍ୟୁ ଘଟିଛି । ଲୋଇସିଂହା ପୋଲିସ ମୃତଦେହ ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ବ୍ୟବଚ୍ଛେଦ କରି ବୁଧବାର ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି। ସୁଜିଆ ଗ୍ରାମର ସୋମନାଥ ବେନ୍ଦ୍ରା ଉପସ୍ୱାସ୍ଥ୍ୟ କେନ୍ଦ୍ରରେ କାମ କରୁଥିଲେ। ମଙ୍ଗଳବାର ଡ୍ୟୁଟି ସାରି ସନ୍ଧ୍ୟାରେ ବାଇକ ଯୋଗେ ଘରକୁ ଫେରୁଥିଲେ। ଲୋଇସିଂହା-ସୁଜିଆ ରାସ୍ତାର ପାହାଡ ନିକଟସ୍ଥ ଉଠାଣିଆ ସ୍ଥାନରେ ତାଙ୍କ ବାଇକ ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱ ଗାତକୁ ଖସି ପଡିଥିଲା। ଦୁର୍ଘଟଣାରେ ସେ ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଲୋଇସିଂହା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଗୁରୁତର ହେବାରୁ ତାଙ୍କୁ ବଲାଙ୍ଗୀର ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ସନ୍ଧ୍ୟା ହୋଇଯିବାରୁ ମଙ୍ଗଳବାର ଶବ ବ୍ୟବଚ୍ଛେଦ ହୋଇପାରି ନ ଥିଲା । ସୋମନାଥଙ୍କ ସ୍ତ୍ରୀ ଏବଂ ୧୦ ବର୍ଷର ଏକ ପୁଅ ଅଛି।।


ସୋମନାଥ ଧରୁଆ ।

### ପୂର୍ବରୁ ତଥ୍ୟ ଦିଆଯାଉନି, ଧାରଣାରେ ବସିଲେ ଲବ

ସୋନପୁର,୨୪।୫(ନି.ପ୍ର.): ଜିଲା ପରିଷଦ ବୈଠକରେ ସଦସ୍ୟା ସଦସ୍ୟଙ୍କ କଥାକୁ ଗୁରୁତ୍ୱ ଦିଆଯାଉନି । ବୈଠକର ୭ ଦିନ ପୂର୍ବରୁ ବୈଠକର ଏଜେଣ୍ଡା ଓ ବିଭାଗ ୱାରି ତଥ୍ୟ ଦେବାର ନିୟମ ଥିବା ବେଳେ ବୈଠକ ଆରମ୍ଭର ମାତ୍ର କେଇ ମିନିଟ୍ ପୂର୍ବରୁ ତାହା ଦିଆଯାଉଛି। ସଦସ୍ୟାସଦସ୍ୟ ମାନେ ପୂର୍ବରୁ ପ୍ରସ୍ତୁତ ହୋଇ ଆସି ପାରୁନାହାନ୍ତି । ସେହିପରି ପୂର୍ବ ବୈଠକରେ ସଦସ୍ୟା ସଦସ୍ୟ ଉଠାଇଥିବା ବିଭିନ୍ନ ପ୍ରସଙ୍ଗ ବିବରଣୀରେ ସ୍ଥାନିତ ହୋଇନାହିଁ । ଏଭଳି ଅଭିଯୋଗ ଆଣିଥିଲେ ଜିଲା ପରିଷଦ ଉପାଧ୍ୟକ୍ଷ ଝସକେତନ ବଘାର ଓ ଜିଲା ପରିଷଦ ସଭ୍ୟ ଲବ କୁମାର ସାହୁ । ଏହାର ପ୍ରତିବାଦରେ ସଭ୍ୟ ଲବ ସାହୁ ବୈଠକ ସ୍ଥଳରେ ତଳେ ଧାରଣାରେ ବସିଥିଲେ। ମନ୍ତ୍ରୀ ନିରଞ୍ଜନ ପୂଜାରୀ ଓ ଭାରପ୍ରାପ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶଙ୍କ ପ୍ରତିଶ୍ରୁତି ପରେ ସାହୁ ଧାରଣାରୁ ଉଠିଥିଲେ।

### ପାଇପ ଫାଟିଛି, ମରାମତି ହେଉନି

**ଦୂଷିତ ପାଣି ପିଉଛନ୍ତି ହସ୍ପିଟାଲ ପଡ଼ାବାସୀ**



ଲାଠୋର, ୨୪।୫(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧୀନ ଲାଠୋର ହସ୍ପିଟାଲ ପଡ଼ାକୁ ହେଉଥିବା ଜଳ ଯୋଗାଣ ପାଇପ ଫାଟି ଯାଇଛି। ଇତ୍ୟବସରରେ ୨୦ଦିନ ବିତି ଯାଇଥିଲେ ବି ଏହାର ମରାମତି କରାଯାଉନାହିଁ। ପ୍ରକଳ୍ପ ମୋଟର ଚାଲୁ କଲେ ପାଣି ଆସୁଛି। ବନ୍ଦ ହେଲେ ଫାଠ ଦେଇ ବାହାରୁ ମଇଳା ପାଣି ପାଇପ ଭିତରକୁ ପଶି ଯାଉଛି। ପୁଣି ମୋଟର ଚାଲୁ କଲେ ଦୂଷିତ ପାଣି ଷ୍ଟାଣ୍ଡପୋଷ୍ଟକୁ ଚାଲି ଯାଉଛି। ସମସ୍ୟାର ସମାଧାନ ନ ହେବାରୁ ଲୋକ ବାଧ ହୋଇ ଷ୍ଟାଣ୍ଡପୋଷ୍ଟରେ କପଡ଼ା ବାନ୍ଧି ପାଣି ସଂଗ୍ରହ କରୁଛନ୍ତି। ପ୍ରବଳ ଗ୍ରୀଷ୍ମ ମଧ୍ୟରେ ଦୂଷିତ ଜଳ ସେବନ ରୋଗବ୍ୟାଧିକୁ ଆମନ୍ତ୍ରଣ କଲା ଭଳି ହୋଇଛି। ଏନେଇ ଲାଠୋର ସରପଞ୍ଚ ଜୟଶ୍ରୀ ଭଇଁଷାଲଙ୍କୁ ପଚାରିବାରେ ଆମ କର୍ମଚାରୀ ଘଟଣାସ୍ଥଳକୁ ଯାଇ ସମସ୍ୟା ଦେଖି ଫେରିଛନ୍ତି। ଗୁରୁବାର ମରାମତି କରାଯିବ ବୋଲି କହିଛନ୍ତି। ପ୍ରାୟ ୧୫ବର୍ଷ ହେବ ଲାଠୋର ଜଳ ଯୋଗାଣ ପ୍ରକଳ୍ପ ୨ରୁ ହସ୍ପିଟାଲ ପଡ଼ାର ୫୦ପରିବାରକୁ ପାଇପ ଯୋଗେ ଜଳଯୋଗାଣ ବ୍ୟବସ୍ଥା କରାଯାଇଛି। ହେଲେ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ନିକଟରେ ପାଇପ କୌଣସି ଭାରି ଯାନ ଚାପାରେ ଫାଟି ଯାଇଛି। ଏହାର ମରାମତି ପାଇଁ ସ୍ଥାନୀୟ ଲୋକ ବିଭାଗୀୟ କର୍ମଚାରୀଙ୍କୁ କହିଲେ ସୁଦ୍ଧା ସୁଫଳ ମିଳୁନାହିଁ।

# ଅପରାଧ ନିୟନ୍ତ୍ରଣକୁ ପ୍ରାଥମିକତା

**ବଲାଙ୍ଗୀରରେ ଯୋଗଦେଲେ ନୂଆ ଏସ୍‌ପି**

- ମହିଳାଙ୍କ ସୁରକ୍ଷା, ସାଇବର ଅପରାଧ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯିବ
- ପୂର୍ବରୁ ଚାଲୁଥିବା ପୋଲିସ ଅଭିଯାନ ସବୁ ଚାଲିବ

ବଲାଙ୍ଗୀର ଅଫିସ, ୨୪।୫

ବଲାଙ୍ଗୀର ଜିଲାର ନୂଆ ଏସ୍‌ପି ଭାବେ ବୁଧବାର ଯୋଗଦାନ କରିଛନ୍ତି ଭାରତୀୟ ପୋଲିସ ସେବା ଅଧିକାରୀ ଋଷିକେଶ ଖିଲାରି। ଜିଲା ପୋଲିସ କାର୍ଯ୍ୟାଳୟରେ ସେ ବିଦାୟୀ ଏସ୍‌ପି ନୀତିନ କୁଶଲକରଙ୍କଠାରୁ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହି ଅବସରରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଏସ୍‌ପି ଖିଲାରୀ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ, ବଲାଙ୍ଗୀର ଏକ ଐତିହାସିକ ଏବଂ ପ୍ରମୁଖ ଜିଲା। ଏଠାରେ କାର୍ଯ୍ୟ କରିବାର ସୁଯୋଗ ପାଇଥିବାରୁ ନିଜକୁ ଭାଗ୍ୟବାନ ମନେ କରୁଛି ବୋଲି କହିଥିଲେ। ଜିଲାରେ ଆଇନଶୃଙ୍ଖଳା ରକ୍ଷା, ଅପରାଧ ନିୟନ୍ତ୍ରଣ, ବିଶେଷକରି ମହିଳାଙ୍କ ସମ୍ପର୍କିତ ଅପରାଧ ଏବଂ ସାଇବର ଅପରାଧ ଦିଗରେ ସ୍ୱତନ୍ତ୍ର ଧ୍ୟାନ ଦିଆଯିବ। ଏହା ସହିତ ଅନ୍ୟାନ୍ୟ ଯାହାବି ଚ୍ୟାଲେଞ୍ଜ ଆସିବ ସବୁକୁ ପୋଲିସ ସଫଳତାର ସହ ମୁକାବିଲା କରିବା ଦିଗରେ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ପୂର୍ବରୁ ପୋଲିସ ପକ୍ଷରୁ ଯେଉଁ ସବୁ ଅପରାଧ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଚାଲିଥିଲା ତା ଉପରେ କ'ଣ ପଦକ୍ଷେପ ନେବେ ବୋଲି ପଚରାଯିବାରୁ ପୋଲିସର ସବୁ ଭଲ ପଦକ୍ଷେପ ଏବଂ ଅଭିଯାନ ଜାରି ରହିବ ବୋଲି ନୂଆ ଏସ୍‌ପି ଖିଲାରୀ କହିଛନ୍ତି। ବିଦାୟୀ ଏସ୍‌ପି କୁଶଲକରଙ୍କୁ କେଉଁଝର ଜିଲା ଏସ୍‌ପି ଭାବେ ବଦଳି ହୋଇଛି। ବିଦାୟୀ ଏସ୍‌ପିଙ୍କ କାର୍ଯ୍ୟକାଳରେ ଅପରାଧ ନିୟନ୍ତ୍ରଣ ଦିଗରେ ପୋଲିସର ସ୍ୱତନ୍ତ୍ର ଅଭିଯାନ ମିଶନ ବୁଲଡୋଜର ଆରମ୍ଭ କରାଯାଇ ବହୁ ଦୁର୍ଦ୍ଦାନ୍ତ ଅପରାଧିଙ୍କ ଘର, ବିବାହ ମଣ୍ଡପ, ଷ୍ଟଲ ଏବଂ ସରକାରୀ ଜାଗାରେ ବେଆଇନ କୋଠାକୁ ଭାଙ୍ଗି ଦିଆଯାଇଥିଲା। କଫ୍ ସିରପ ଏବଂ ନିଶା କାରବାର ବିରୋଧୀ ଅଭିଯାନରେ ଏସ୍‌କଫ୍ ସିରପ ଭଳି କମ୍ପାନୀ ଏବଂ ଡାଫୋଡିଲ୍ସ କମ୍ପାନୀର କୋଟି କୋଟି ଟଙ୍କାର ଆକାଉଣ୍ଟ ବାଜ୍ୟାପ୍ତ କରାଯାଇଥିଲା। ତେବେ ଏବେବି ନିଶା କାରବାର ଏବଂ ଜମି ମାଫିଆଗିରି ଚାଲିଥିବାରୁ ଅପରାଧ ନିୟନ୍ତ୍ରଣ ପୋଲିସ ପାଇଁ ଚ୍ୟାଲେଞ୍ଜ ହୋଇରହିଛି। ନୂଆ ଏସ୍‌ପି ଖିଲାରୀ ଏସବୁ ଦିଗରେ ଫୋକସ କରାଯିବା ସହ ମାଓବାଦୀ ଦମନ ଉପରେ ମଧ୍ୟ କାର୍ଯ୍ୟ କରାଯିବ ବୋଲି କହିଛନ୍ତି। ପୂର୍ବରୁ ସେ ଏହି ଜିଲାରେ ଟ୍ରେନି ଆଇପିଏସ୍ ଅଧିକାରୀ ଭାବେ କାର୍ଯ୍ୟ କରିଥିବାରୁ ଏହା ତାଙ୍କୁ ସୁବିଧାଜନ ହେବ ବୋଲି କହିଥିଲେ। ନୂଆ ଏସ୍‌ପି ଖିଲାରୀ ଯୋଗଦାନ କରିବା ପରେ ବଲାଙ୍ଗୀର ପୋଲିସ ବିଭାଗର ଅଧିକାରୀମାନେ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଅତିରିକ୍ତ ଏସ୍‌ପି ସୁରେଶ ନାଏକ, ବଲାଙ୍ଗୀର ଏସ୍‌ଡିପିଓ ତୋଫାନ ବାଗ, ପାଟଣାଗଡ ଏସ୍‌ଡିପିଓ ଜ୍ୟୋତିର୍ମୟ ଭୁକ୍ତାଙ୍କ ସହ ବରିଷ୍ଠ ପୋଲିସ ଅଧିକାରୀ ଏବଂ ଜିଲାର ବିଭିନ୍ନ ଥାନାର ଥାନାଧିକାରୀ ଉପସ୍ଥିତ ଥିଲେ।


ବିଦାୟୀ ଏସ୍‌ପି ନୀତିନ କୁଶଲକରଙ୍କଠାରୁ ନୂଆ ଏସ୍‌ପି ଋଷିକେଶ ଖିଲାରି କାର୍ଯ୍ୟଭାର ଗ୍ରହଣ କରୁଛନ୍ତି।

# ମଞ୍ଜି ସଂଗ୍ରହ କାର୍ଯ୍ୟକ୍ରମର ଶୁଭାରମ୍ଭ



ମଞ୍ଚାସୀନ ଅତିଥିଗଣ।

ସଇଁତଳା,୨୪।୫(ଡି.ଏନ.ଏ.)

ବଲାଙ୍ଗୀର ଜିଲା ସଇଁତଳା ବ୍ଲକ ଡେଙ୍ଗଠାରେ ଥିବା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଇକୋ କ୍ଲବ ଓ ଜୁନିୟର ରେଡ୍‌କ୍ରସ ଆନୁକୂଲ୍ୟରେ ମଞ୍ଜି ସଂଗ୍ରହ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି। ବିଦ୍ୟାଳୟର ପୂର୍ବତନ ଓ ବର୍ତ୍ତମାନ ଅଧ୍ୟୟନରତ ଛାତ୍ରୀଛାତ୍ରମାନଙ୍କ ପ୍ରତିନିଧିଙ୍କୁ ନେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ପ୍ରଧାନଶିକ୍ଷକ ଚାଣ୍ଡାଳ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ରେଡ଼କ୍ରସ କର୍ମୀ ରାମନାରାୟଣ ଦାଶ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଶ୍ରବଣ ବାରିକ ମୁଖ୍ୟ ଅତିଥି, ଦୀନବନ୍ଧୁ ବାଗ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ । ଗ୍ରୀଷ୍ମ ସମୟରେ ଆମ୍ବ, ପଣସ, ଖଜୁରୀ, କେନ୍ଦୁ, ସପେଟା, ଜାମୁ, ଲେମ୍ବୁ ଘରେ ଘରେ ବହୁଳ ବ୍ୟବହାର ହୋଇଥାଏ । ସେଗୁଡ଼ିକ ଖାଇସାରିବା ପରେ ତାର ମଞ୍ଜିଗୁଡ଼ିକୁ ଫିଙ୍ଗି ଦିଆଯାଇଥାଏ। ମଞ୍ଜିଗୁଡ଼ିକୁ ନ ଫିଙ୍ଗି ତାକୁ ସଂଗ୍ରହ କରି ଖରାରେ ଶୁଖାଇ ବର୍ଷା ଦିନ ଆସିବା ପୂର୍ବରୁ ରାସ୍ତାର ଉଭୟ ପାର୍ଶ୍ୱ, ଖାଲି ସ୍ଥାନରେ, ଜମିମାନଙ୍କର ହିଡ଼ ତଥା ନିଜ ବାଡ଼ିପଟରେ ବୁଣିବା କିମ୍ବା ରୋପଣ କରିବାଦ୍ୱାରା ସବୁଜ ବନାନୀ ସୃଷ୍ଟି ହୋଇପାରିବ ବୋଲି ଅତିଥିମାନେ ମତ ଦେଇଥିଲେ। ଏହାଦ୍ୱାରା ଚାରା ରୋପଣ କରିବା କିମ୍ବା ଗଛ ଲଗାଇବା ପାଇଁ ହେଉଥିବ ଖର୍ଚ୍ଚକୁ ମଧ୍ୟ କମ କରାଯାଇପାରିବ ଏବଂ ପରିବେଶ ସୁରକ୍ଷା ହୋଇପାରିବ ବୋଲି ଡ଼. ଦିଲୀପ ଶ୍ରୀଚନ୍ଦନ ବାର୍ତ୍ତା କହିଥିଲେ। ପରିବେଶକୁ ସବୁଜ, ସୁନ୍ଦର ଓ ପ୍ରଦୂଷଣମୁକ୍ତ ରଖିବାକୁ ପ୍ରତ୍ୟେକ ବ୍ୟକ୍ତି ସବୁଜ ସଂଗ୍ରାମୀ ଭାବରେ କାର୍ଯ୍ୟ କରିବା ଉଚିତ ବୋଲି ପ୍ରକୃତି ବନ୍ଧୁ ରାମନାରାୟଣ ଦାଶ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ତୁଫାନ ରଣା, ବିକାଶ ରଣା, ଝରଣା ରଣା, ପ୍ରିୟା ରଣା, କପିଳ ଭୋଇ, ମହିମା ରଣାଙ୍କ ସହ ବହୁ ଛାତ୍ରୀଛାତ୍ର ଓ ଅଭିଭାବକ ଉପସ୍ଥିତ ଥିଲେ। ସୁନୀଲ ରଣା ଧନ୍ୟବାଦ ଜ୍ଞାପନ କରିଥିଲେ।

# ମେଣ୍ଢାଫାର୍ମ ପୁନରୁଦ୍ଧାର ପାଇଁ କୃଷିମନ୍ତ୍ରୀଙ୍କୁ ଦାବିପତ୍ର

ଦେଓଗାଁ,୨୪।୫(ଡି.ଏନ.ଏ)

ବଲାଙ୍ଗୀର ଜିଲା ଦେଓଗାଁ ବଙ୍ଗଳା ଛକ ନିକଟରେ ଅବହେଳିତ ହୋଇ ପଡିରହିଥିବା ମେଣ୍ଢା ଫାର୍ମର ପୁନଉଦ୍ଧାର ଦାବିରେ କୃଷି ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏନେଇ ଦେଓଗାଁର ଏକ ପ୍ରତିନିଧିଦଳ ଭୁବନେଶ୍ୱରଠାରେ ବିଭାଗୀୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କୁ ସାକ୍ଷାତ କରି ଏ ବିଷୟରେ ଆଲୋଚନା କରିଛନ୍ତି। ୧୯୬୭ ମସିହାରୁ ଏକ ସରକାରୀ ମେଣ୍ଢାଫାର୍ମ ରହିଛି। ଗତ ୧୦ବର୍ଷ ହେଲା ଏହା ଠିକ ଭାବରେ ପରିଚାଳିତ ହେଉନାହିଁ। ତେଣୁ ଏହାର ଉନ୍ନତିକରଣ କରାଯାଇ ପୁନଃରୁଦ୍ଧାର କରାଇବାକୁ ଏହି ମେଣ୍ଢାଫାର୍ମକୁ ଉନ୍ନତି କରାଇଲେ ଏହା ଅଞ୍ଚଳର ଯୁବକଙ୍କୁ ନୂତନ ନିଯୁକ୍ତି ଦେବାରେ ସହାୟକ ହେବା ସହିତ ଅଞ୍ଚଳର ଅର୍ଥନୈତିକ ବିକାଶ ହେବ ବୋଲି ଗୁରୁତ୍ୱାରୋପ କରିଥିଲେ। ଦେଓଗାଁ ବ୍ଲକର ପୂର୍ବତନ ଅଧ୍ୟକ୍ଷ ଲକ୍ଷ୍ମଣକୁମାର ମେହେର,ବ୍ଲକ ସରପଞ୍ଚ ସଂଘର ସଭାପତି ଗୋପାଳ ଚନ୍ଦ୍ର ମିଶ୍ର ଓ ବ୍ଲକ ଯୁବ ବିଜେଡି ସଭାପତି ଶୈଳେନ୍ଦ୍ର କୁମାର ସାହୁ ପ୍ରମୁଖ କୃଷି ଓ ପ୍ରାଣୀ ସମ୍ପଦ ମନ୍ତ୍ରୀଙ୍କ ବାସଭବନରେ ଭେଟି ଏହି ବିଷୟ ସହ ଜିଲାର କୃଷିବିକାଶ ସମ୍ପର୍କିତ ଆଲୋଚନା କରିଥିଲେ। ପରେ ମନ୍ତ୍ରୀ ପ୍ରାଣୀସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଏସ.କେ.ବଶିଷ୍ଠ ଓ ବଲାଙ୍ଗୀର ଜିଲାପାଳଙ୍କଠାରୁ ସବିଶେଷ ରିପୋର୍ଟ ଦେବାପାଇଁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ରିପୋର୍ଟ ପରେ ମେଣ୍ଢାଫାର୍ମର ପୁନରୁଦ୍ଧାର କରାଯିବାକୁ ପଦକ୍ଷେପ ନେବେ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ନେଇ ଲକ୍ଷ୍ମଣ କୁମାର ମେହେର ସୂଚନା ଦେଇଛନ୍ତି। ଏଠାରେ ପୂର୍ବରୁ ମେଣ୍ଢା ପ୍ରଜନନ ସହିତ ମେଷଲୋମ ସଂଗ୍ରହ କରାଯାଇ ବିକ୍ରି କରାଯାଉଥିଲା। ଏବେ ବିଭାଗ ଏଠାରେ ମେଷ ବଦଳରେ ଛେଳି ପ୍ରଜନନ କରୁଛି। ଏବେ କିନ୍ତୁ ଏହି ଫାର୍ମରେ କର୍ମଚାରୀ ଅଭାବ ସହିତ ସରକାରୀ ଅନୁଦାନ ଆସୁ ନ ଥିବାରୁ ଜରାଜୀର୍ଣ୍ଣ ହୋଇ ପଡିରହିଛି। ଏହି ଫାର୍ମ ପ୍ରାୟ ୫୦ ଏକର ପରିମିତ ଜମିରେ ରହିଛି। ଏଣୁ ଏହାର ସଠିକ ଉପଯୋଗ କଲେ ଅଞ୍ଚଳର ବିକାଶ ହୋଇପାରିବ ବୋଲି ପ୍ରତିନିଧିଦଳ ମନ୍ତ୍ରୀଙ୍କୁ ଅବଗତ କରିଛନ୍ତି ।


କୃଷିମନ୍ତ୍ରୀଙ୍କୁ ପ୍ରତିନିଧିଦଳ ଭେଟୁଛନ୍ତି ।

# ଯୁବକଙ୍କୁ ହତ୍ୟା ଘଟଣା: ୨ଗିରଫ

**ମଜୁରି ମଗାକୁ ନେଇ କରାଯାଇଥିଲା ହତ୍ୟା**

ସଇଁତଳା,୨୪।୫(ଡି.ଏନ.ଏ.)

ବଲାଙ୍ଗୀର ଜିଲା ସଇଁତଳା ଥାନା ଟିକ୍ରାପଡ଼ା ଫାଣ୍ଡି ଅନ୍ତର୍ଗତ ଦେଓଗାଁଠାରେ ଗତ ୨୨ ତାରିଖ ବିଳମ୍ବିତ ରାତ୍ରରେ ଗ୍ରାମର ବୁଦ୍ଧଦେବ ନାଗ (୨୯)ଙ୍କୁ ପଥରରେ ଛେଚି ହତ୍ୟା କରାଯାଇଥିବା ଘଟଣାରେ ପୋଲିସ ବୁଧବାର ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଦେବାଶିଷ ବେଷ୍ଟକାର ଓ ନକୁଳ ନାଗ। ଉଭୟଙ୍କୁ ସଇଁତଳା କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ଟିଟିଲାଗଡ଼ ଜେଲକୁ ପଠାଇ ଦିଆଯାଇଛି। ଟିକ୍ରାପଡ଼ା ଫାଣ୍ଡି ଦେଓଗାଁର ଗୋଷ୍ଠୀ କେନ୍ଦ୍ର ନିକଟରେ ଗତ ୨୩ ତାରିଖ ସକାଳେ ବୁଦ୍ଧଦେବଙ୍କ ରକ୍ତ ଜୁଡୁବୁଡୁ ଅବସ୍ଥାରେ ମୃତଦେହ ଠାବ ହୋଇଥିଲା। ମୁଣ୍ଡରେ ଗଭୀର ଆଘାତ ଲାଗିଥିବାବେଳେ ମୃତଦେହ ନିକଟରେ ରକ୍ତ ଲଗା ପଥର ପଡ଼ିଥିଲା। ପୋଲିସ ସୂତ୍ରରୁ ପ୍ରକାଶ ବୁଦ୍ଧଦେବ ପ୍ରଥମେ ଏକ ଟେଣ୍ଟ ହାଉସର ଗାଡ଼ି ଚଳାଉଥିଲେ। ଗତ କିଛିଦିନ ହେଲା ଗ୍ରାମରେ କାଠମିସ୍ତ୍ରୀ କାମ କରୁଥିବା ଦେବାଶିଷ ବେଷ୍ଟକାରଙ୍କ ପାଖରେ କାମ କରୁଥିଲେ। ଘଟଣାଦିନ ସନ୍ଧ୍ୟାରେ ବୁଦ୍ଧଦେବ, ସମ୍ପର୍କୀୟ ପୁତୁରା ନକୁଳ ନାଗ ଓ ଦେବାଶିଷ ଏକ ବାଇକରେ ଦେଓଗାଁଠାରେ ଥିବା ମଦଭାଟିକୁ ଆସି ମଦ ପିଇଥିଲେ। ଗ୍ରାମର ଗୋଷ୍ଠୀ କେନ୍ଦ୍ରଠାରେ ବୁଦ୍ଧଦେବ ଦେବାଶିଷଙ୍କ କାମର ପାଉଣା ମାଗିଥିଲେ। ଏଥିରେ ତିନିଜଣଙ୍କ ମଧ୍ୟରେ ବଚସା ହୋଇଥିଲା। ଦେବାଶିଷ ଓ ନକୁଳଙ୍କ ପଥର ମାଡ଼ରେ ବୁଦ୍ଧଦେବଙ୍କ ମୁଣ୍ଡ ଫାଟିଯାଇ ପ୍ରବଳ ରକ୍ତସ୍ରାବ ହୋଇ ମୃତ୍ୟୁ ଘଟିଥିବା ପୋଲିସ କହିଛି।

# କମ୍ୟୁନିଟି କମ୍ପୋଷ୍ଟ ପିଟ୍ କେନ୍ଦ୍ର ବାଟବଣା



ଆବର୍ଜନାମୟ କମ୍ପୋଷ୍ଟ ପିଟ କେନ୍ଦ୍ର।

**ସଇଁତଲା ବ୍ଲକରେ ସ୍ୱଚ୍ଛଭାରତ ମିଶନ(ଗ୍ରାମୀଣ) ଯୋଜନାରେ ନିର୍ମିତ**

ସଇଁତଲା, ୨୪।୫(ଡି.ଏନ.ଏ.)

ବଲାଙ୍ଗୀର ଜିଲା ସଇଁତଲା ବ୍ଲକର ୨୨ପଞ୍ଚାୟତରେ ଗତ ୨୦୨୨-୨୩ ମସିହାରେ ସ୍ୱଚ୍ଛ ଭାରତ ମିଶନ (ଗ୍ରାମୀଣ) ଯୋଜନାରେ ୫୦ ଲକ୍ଷ ଟଙ୍କା ବ୍ୟୟରେ କମ୍ୟୁନିଟି କମ୍ପୋଷ୍ଟ ପିଟ୍ କେନ୍ଦ୍ରମାନ ନିର୍ମାଣ ହୋଇଛି । ଯୋଜନାକୁ କାର୍ଯ୍ୟକାରୀ କରିବାପାଇଁ ପଞ୍ଚାୟତମାନଙ୍କୁ ଆବଶ୍ୟକ ପାଣ୍ଠିର ଅଭାବ ଯୋଗୁଁ ଏହି ଯୋଜନା ବାଟବଣା ହୋଇଥିବା ସରପଞ୍ଚମାନେ କହୁଛନ୍ତି। ଗାଁ ପରିବେଶରେ ସ୍ୱଚ୍ଛତା ଆଣିବା ପାଇଁ ଏହି ଯୋଜନାରେ ଗ୍ରାମାଞ୍ଚଳରେ ପ୍ରତ୍ୟେକ କେନ୍ଦ୍ର ନିର୍ମାଣ ପାଇଁ ୨୦ହଜାର ଟଙ୍କା ଏବଂ ପଞ୍ଚାୟତ ମୁଖ୍ୟାଳୟରେ ଅଞ୍ଚଳରେ ଏକ ଲକ୍ଷ ୯୫ ହଜାର ଟଙ୍କା ବ୍ୟୟ ହୋଇଛି। ଏହି ପିଟ କେନ୍ଦ୍ରମାନଙ୍କରେ ପଡୁଥିବା ଆବର୍ଜନାକୁ ଅଲଗା ଅଲଗା କରି ବ୍ୟବହାର ଉପଯୋଗୀ କରିବା ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଦାୟିତ୍ୱ ଦିଆସରିଛି। କିନ୍ତୁ ଏସ୍‌ଏଚ୍‌ଜିମାନଙ୍କୁ ପଞ୍ଚାୟତ ତରଫରୁ ଆର୍ଥିକ ରାଶି ପ୍ରଦାନର ବ୍ୟବସ୍ଥା ବର୍ତ୍ତମାନ ପର୍ଯ୍ୟନ୍ତ ହୋଇପାରି ନ ଥିବାରୁ ଏହି ଯୋଜନା କାର୍ଯ୍ୟକାରୀ ହୋଇପାରୁ ନ ଥିବା ଗ୍ରାମ ପଞ୍ଚାୟତ ଅଧିକାରୀ ପଦ୍ମକାନ୍ତ ପାଣିଗ୍ରାହୀ କହିଛନ୍ତି। ଏହି କେନ୍ଦ୍ର ମାନ ନିର୍ମାଣ ସମୟରେ ଅତ୍ୟନ୍ତ ନିମ୍ନମାନର କାମ ହୋଇଥିବା ତଥା କାହାକୁ ଦାୟିତ୍ୱ ହସ୍ତାନ୍ତର କରାଯାଇ ନ ଥିବାରୁ ଅନେକ କେନ୍ଦ୍ରର ଆଜବେଷ୍ଟସ ଚୋରି ହୋଇଯାଇଥିବାବେଳେ କେତେକ ସ୍ଥାନରେ କେନ୍ଦ୍ର ଭାଙ୍ଗିଯାଇଥିବା ସାଧାରଣରେ ଅଭିଯୋଗ ହେଉଛି।

# ସିଦ୍ଧେଶ୍ୱର ମହାଦେବଙ୍କ 'ପାଟ' ଉତ୍ସବ

ଭୋଗରାଇ, ୨୪।୫(ଡି.ଏନ.ଏ.)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ କାଳାହି ଗ୍ରାମର ଅଧିଷ୍ଠିତ ବାବା ସିଦ୍ଧେଶ୍ୱର ମହାଦେବଙ୍କ ପ୍ରସିଦ୍ଧ ପାଟ ଉତ୍ସବ ମଙ୍ଗଳବାର ଶେଷ ହୋଇଛି। ୧୧ଦିନ ଧରି ମହାଦେବଙ୍କଠାରେ ସ୍ଥାନୀୟ ଅଞ୍ଚଳର ବହୁ ଉପବୀତଧାରୀ ୨୪ ଘଣ୍ଟା ଛେପ ନ ଢ଼ୋକି ରାତିରେ ଜୀଉଙ୍କ ଉଦ୍ଦେଶ୍ୟରେ ଅର୍ଘ୍ୟଦାନ କରି ନିରାମିଷ ଭୋଜନ କରି ଆସୁଥିଲେ। ମହାଦେବଙ୍କ ନୀଳ ଉତ୍ସବରେ ଶ୍ରଦ୍ଧାଳୁମାନେ ମନ୍ଦିରରେ ରୁଦ୍ରାଭିଷେକ କରିବା ସହିତ କ୍ଷୀର, ପଇଡ଼, କଦଳୀ, ବେଲପତ୍ର, ମହାଦେବଙ୍କ ପସନ୍ଦ ଫୁଲ, ଚନ୍ଦନ ନେଇ ଜୀଉଙ୍କୁ ପୂଜାର୍ଚ୍ଚନା ଓ ଆରାଧନା କରିଥିଲେ। ପାଟ ଉତ୍ସବରେ ଶିବଭକ୍ତମାନେ ମହାଦେବଙ୍କ ହାକାଣ୍ଡ ପୋଖରୀକୁ ଯାଇ ସେଠାରେ ଶିବଦୁର୍ଗା ଘଟକୁ ପୂଜା କରିବା ସହିତ ଫୁଲମାଳରେ ଭୂଷିତ କରି ଘଟଦ୍ୱୟକୁ ମୁଣ୍ଡରେ ବସାଇ ରୋଷଣି, ସାହାନାଇ, ଢାକଢୋଲ ବାଦ୍ୟ ତାଳେ ତାଳେ ମନ୍ଦିର ବିଜେ କରିଥିଲେ। ଏଥିସହିତ ଭକ୍ତମାନେ ନିଜ ଶରୀରରେ ସହସ୍ରାଧିକ ଲୁହା କଣ୍ଟାଫୋଡ଼ି କୁଚ୍ଛ ସାଧନା କରିଥିଲେ।

# ଏ-୧ ଗ୍ରେଡ୍ ପାଇଲେନି ସରକାରୀ ସ୍କୁଲ ଛାତ୍ରୀଛାତ୍ର

ଲାଠୋର, ୨୪।୫(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଅଞ୍ଚଳରେ ରହିଥିବା ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ଚଳିତ ୨୦୨୩ ମାଟ୍ରିକ ବୋର୍ଡ଼ ପରୀକ୍ଷାରେ ଜଣେ ବି ମଧ୍ୟ ଏ-୧ ଗ୍ରେଡ଼ ଛୁଇଁ ପାରିନାହାନ୍ତି। ଫଳରେ ଛାତ୍ରୀଛାତ୍ରଙ୍କ ପରୀକ୍ଷା ଫଳକୁ ନେଇ ଅଭିଭାବକ ଓ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ଲାଠୋର, ବେନ୍ଦେର, ମାଲପଡ଼ା, ଫୁଲକିମୁଣ୍ଡା, ରେଙ୍ଗାଲି, ଘୁନସର, ତେଲେନପାଲି, କରୁଆଝର ଏବଂ ସରେଇବାଲଠାରେ ୯ଟି ସରକାରୀ ଉଚ୍ଚ ବିଦ୍ୟାଳୟ ରହିଛି। ଏଥିସହ ଲାଠୋର ଗ୍ରାମରେ ସରକାରୀ ସହ-ଅନୁବନ୍ଧିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ରହିଛି। ସମସ୍ତ ସରକାରୀ ବିଦ୍ୟାଳୟ ୫-ଟି ଅନ୍ତର୍ଭୁକ୍ତ। ସ୍ମାର୍ଟ ଶ୍ରେଣୀ ଗୃହ, ଲାଇବ୍ରେରୀ, ବିଶ୍ରାମାଗାର ବ୍ୟବସ୍ଥା ଉପଲବ୍ଧ। ଏହାସତ୍ତ୍ୱେ ଚଳିତବର୍ଷ ସମ୍ପୃକ୍ତ ବିଦ୍ୟାଳୟମାନଙ୍କରୁ ୭ଶହ ଛାତ୍ରୀଛାତ୍ର ଦଶମ ଶ୍ରେଣୀ ବୋର୍ଡ଼ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ୫-ଟି ଅନ୍ତର୍ଭୁକ୍ତ ସରକାରୀ ଉଚ୍ଚ ବିଦ୍ୟାଳୟର ଜଣେ ବି ଛାତ୍ରୀଛାତ୍ର ଏ-୧ ଗ୍ରେଡ଼ ପାଇ ପାରି ନାହାନ୍ତି। ଏହିସବୁ ସ୍କୁଲରୁ ଏ-୨ ଗ୍ରେଡ଼ରେ ୭ଜଣ, ବି-୧ଗ୍ରେଡ଼ରେ ୧୯୫ ଜଣ, ବି-୨ଗ୍ରେଡ଼ରେ ୨୫୨, ସି ଗ୍ରେଡ଼ରେ ୧୬୪, ଡି ଗ୍ରେଡ଼ରେ ୩୬, ଇ ଗ୍ରେଡ଼ରେ ୨୯ ଏବଂ ୧୬ ଜଣ ଅକୃତକାର୍ଯ୍ୟ ହୋଇଛନ୍ତି। ଲାଠୋର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ର ଅବିନାଶ ପାଣିଗ୍ରାହୀ ଏ-୧ ଅଞ୍ଚଳର ନାମ ରଖିଛନ୍ତି। ଖାଲି ଲାଠୋର ଅଞ୍ଚଳ ନୁହେଁ, ସମଗ୍ର ଖପ୍ରାଖୋଲ ବ୍ଲକରେ ଥିବା ୨୧ଟି ସରକାରୀ ଉଚ୍ଚ ବିଦ୍ୟାଳୟମାନଙ୍କରେ ପରୀକ୍ଷା ଦେଇଥିବା ୧୫୮୭ ପିଲାଙ୍କ ମଧ୍ୟରେ ଜଣେ ବି ଏ-୧ ଗ୍ରେଡ଼ ପାଇ ନାହାନ୍ତି। ଏନେଇ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମିନକେତନ ବରିହାଙ୍କୁ ପଚାରିବାରୁ ଶିକ୍ଷକ ସମସ୍ୟା ହେତୁ ଚଳିତ ବର୍ଷ ପିଲାମାନେ ଏ-୧ଗ୍ରେଡ଼ ପାଇ ପାରି ନାହାନ୍ତି। ପରୀକ୍ଷା ଫଳ ପ୍ରକାଶ ପରେ ଅଭିଭାବକ ଓ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି।

# ମଦ ବନ୍ଦ ପାଇଁ ଅଣ୍ଟାଭିଡ଼ିଲେ ମହିଳା

ଲୋଇସିଂହା,୨୪।୫(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କୁଶଙ୍ଗ ପଞ୍ଚାୟତ ଅନ୍ତର୍ଗତ ପିପିଲି ଗ୍ରାମରେ କୁଟିଆ ମଦ କାରବାର ବୃଦ୍ଧି ପାଇଛି । ଏଥିପାଇଁ ଗ୍ରାମରେ ଅସାମାଜିକ କାର୍ଯ୍ୟକଳାପ ବଢ଼ି ପାଇ ଚାଲିଛି। ଗାଁରେ ଘରୋଇ ହିଂସା ବୃଦ୍ଧି ପାଇଛି । ଏ ଦିଗରେ ପୋଲିସ ଓ ଅବକାରୀ ବିଭାଗ କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେଉନାହିଁ। ଏହାର ପ୍ରତିବାଦରେ ଗ୍ରାମର ମହିଳାମାନେ ଏକଜୁଟ ହୋଇଛନ୍ତି। ମଦ କାରବାର ବନ୍ଦ କରିବା ପାଇଁ ମଙ୍ଗଳବାର ରାତିରେ ଗ୍ରାମର ମହିଳା ଗୋଷ୍ଠୀ ଦୀପ ଜାଳି ଶପଥ ନେଇଛନ୍ତି। ମଦ କୁଟିଆଙ୍କୁ ମଦ ଓ ଅନ୍ୟାନ୍ୟ ନିଶାଦ୍ରବ୍ୟ ବିକ୍ରି ନକରିବାକୁ ବାରଣ କରିଛନ୍ତି। ଏଥିରୁ ବିଚ୍ୟୁତ ହେଲେ ଆଗୁକୁ ପରିସ୍ଥିତି ଅସମ୍ଭାଳ ହେବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

୧ଶହରୁ ଉର୍ଦ୍ଧ୍ୱ ପରିବାରକୁ ନେଇ ୨ ୱାର୍ଡ ବିଶିଷ୍ଟ ପିପିଲି ଗାଁ। ଗାଁର ଅଧିକାଂଶ ଲୋକେ କୃଷି ଉପରେ ନିର୍ଭର କରନ୍ତି। ଧାନ ସହ ପରିବା ଚାଷ କରିଥାନ୍ତି ଗ୍ରାମବାସୀ। ଏବେ ରବିଧାନ ଅମଳ ସମୟ। ଏହି ସମୟରେ ଗ୍ରାମରେ ଶ୍ରମିକ ଅଭାବ ଚାଷୀଙ୍କୁ ଚିନ୍ତାରେ ପକାଇଛି। ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମରେ ଯେଉଁ ଶ୍ରମିକମାନେ କାମକୁ ଆସୁଛନ୍ତି ମଜୁରି ସହିତ ମଦ ଦାବି କରୁଥିବା ଅଭିଯୋଗ ହେଉଛି। ଅପରପକ୍ଷେ ଗ୍ରାମର ୩ ଜଣ ବ୍ୟକ୍ତି ବେଆଇନ ଭାବେ ଗାଁରେ ମଦ ବିକ୍ରି କରୁଛନ୍ତି। ଯେତେ କହିଲେ ବି ସେମାନେ ଶୁଣୁ ନାହାନ୍ତି। ପାଖରେ ମଦ ମିଳି ଯିବାରେ ସେବନକାରୀଙ୍କ ସଂଖ୍ୟା ଆଶାତୀତଭାବେ ବଢି ଚାଲିଛି। ମଦୁଆଙ୍କ ପ୍ରାଦୁର୍ଭାବରେ ଝିଅ,ବୋହୂ ଚଳପ୍ରଚଳ କରିବାରେ ସମସ୍ୟାରେ ପଡୁଛନ୍ତି। ଶ୍ରମିକ, କର୍ମଜୀବୀ ମଦରେ ସବୁ ଟଙ୍କ ଖର୍ଚ୍ଚ କରି ଦେଉଛନ୍ତି। ଅବକାରୀ ଓ ସ୍ଥାନୀୟ ପୋଲିସ ଆଖିଦୃଶିଆ ପଦକ୍ଷେପ ନେଉ ନ ଥିବା ଅଭିଯୋଗ କରି ୧୦ଟି ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳା ସଦସ୍ୟା ଗାଁରେ ବୈଠକ କରି ମଦ ବିକ୍ରି ବନ୍ଦ ପାଇଁ ଶପଥ ନେଇଛନ୍ତି। ଘରକୁ ଘର ବୁଲି ସଚେତନତା ସୃଷ୍ଟି କରିବା ସହ ମଦ ବିକ୍ରେତାଙ୍କୁ ତାଗିଦ୍ କରିଛନ୍ତି। ଗାଁରେ ଯିଏ ମଦ ବିକ୍ରି କରିବ ଏବଂ ମଦ ପିଇ ଗଣ୍ଡଗୋଳ କରିବ ସେମାନଙ୍କ ବିରୋଧରେ ମହିଳା ଗୋଷ୍ଠୀ ଆଇନ ହାତକୁ ନେବାକୁ ଚେତାବନୀ ଦେଇଛନ୍ତି।


ମଦ କାରବାର ବନ୍ଦ ଲାଗି ଅନୁଷ୍ଠିତ ବୈଠକରେ ଏସ୍‌ଏଚ୍‌ଜି ମହିଳାମାନେ।

# ବିଦ୍ୟାଳୟ, ଅଙ୍ଗନୱାଡି କେନ୍ଦ୍ର ପରିସରରୁ ବିଦ୍ୟୁତ୍ ତାର ଅପସାରଣ ନିର୍ଦ୍ଦେଶ



ଜିଲା ପରିଷଦ ବୈଠକରେ ଉପସ୍ଥିତ ଅଧ୍ୟକ୍ଷା, ମନ୍ତ୍ରୀ, ଜିଲାପାଳ ଓ ଜିଲାସ୍ତରୀୟ ଅଧିକାରୀ ବୃନ୍ଦ।

**ସୋନପୁର,୨୪ା୫(ନି.ପ୍ର.)**

## ସୁବର୍ଣ୍ଣପୁର ଜିଲା ପରିଷଦ ବୈଠକ

ସୁବର୍ଣ୍ଣପୁର ଜିଲା ପରିଷଦ ବୈଠକ ଜିଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲାଙ୍କ ଅଧ୍ୟକ୍ଷତାରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସୋନପୁର ବିଧାୟକ ତଥା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ, ଭାରପ୍ରାପ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲା ପରିଷଦ ନିହାର ରଞ୍ଜନ କହଁର, ଜିଲା ପରିଷଦ ଉପାଧ୍ୟକ୍ଷ ଝସକେତନ ବଘାର, ଜିଲା ପରିଷଦ ସଦସ୍ୟା ସଦସ୍ୟ ବୃନ୍ଦ,ସମସ୍ତ ବ୍ଲକ ଅଧ୍ୟକ୍ଷା ଅଧ୍ୟକ୍ଷ, ଜିଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ମୁଖ୍ୟ ଉନ୍ନୟନ ଅଧିକାରୀ କହଁର ଉପସ୍ଥିତ ସମସ୍ତ ଲୋକ ପ୍ରତିନିଧି, ଜିଲାସ୍ତରୀୟ ଅଧିକାରୀଙ୍କୁ ସ୍ୱାଗତ କରିଥିଲେ। ପରେ ଅଧ୍ୟକ୍ଷାଙ୍କ ଅନୁମତିରେ ଗତ ବୈଠକରେ ନିଆଯାଇଥିବା ନିଷ୍ପତ୍ତିଗୁଡିକର ଦୃଢ଼ୀକରଣ କରାଯାଇଥିଲା। ପରିଷଦ ଅଧ୍ୟକ୍ଷା ଠେଲା ଜିଲାର ସର୍ବାଙ୍ଗୀନ ଉନ୍ନତି ଓ ବିକାଶ ଦିଗରେ ସମସ୍ତ ବିଭାଗ ଉପଯୁକ୍ତ ସମନ୍ୱୟ ରଖି ଯୋଜନା କାର୍ଯ୍ୟକାରୀ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ମନ୍ତ୍ରୀ ପୂଜାରୀ ସରକାରଙ୍କ ଜନମଙ୍ଗଳ କାର୍ଯ୍ୟକ୍ରମକୁ ତୃଣମୂଳ ସ୍ତରରେ ଲୋକଙ୍କ ପାଖରେ ସଫଳତାର ସହ ପହଞ୍ଚାଇବା ଓ ପ୍ରକଳ୍ପଗୁଡିକୁ ଉଚିତ ଗୁଣବତ୍ତାର ସହ ସମୟ ଅବଧିରେ ସମ୍ପୂର୍ଣ୍ଣ କରିବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ପଞ୍ଚଦଶ କେନ୍ଦ୍ରୀୟ ଅର୍ଥ କମିଶନ ଏବଂ ପଞ୍ଚମ ରାଜ୍ୟ ଅର୍ଥ କମିଶନ ଦ୍ୱାରା ଜିଲା ପଞ୍ଚାୟତ ଉନ୍ନୟନ ଯୋଜନା ପାଇଁ ପ୍ରସ୍ତାବିତ ପ୍ରକଳ୍ପଗୁଡିକୁ ଅନୁମୋଦନ ନିମନ୍ତେ ଗୃହରେ ଉପସ୍ଥାପନ କରା ଯାଇଥିଲା। ବିଦ୍ୟାଳୟ ଓ ଅଙ୍ଗନବାଡି କେନ୍ଦ୍ର ଉପର ଦେଇ ଯାଇଥିବା ବିଦ୍ୟୁତ ତାରକୁ ତୁରନ୍ତ ଅପସାରଣ କରିବାକୁ ବିଦ୍ୟୁତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା। କୃଷି, ବୟନ ଶିଳ୍ପ ବିଭାଗ, ବନ ବିଭାଗ, ଶିକ୍ଷା ବିଭାଗ, ସାମାଜିକ ସୁରକ୍ଷା, ମଙ୍ଗଳ ବିଭାଗ, ଯୋଗାଣ ବିଭାଗ, ସମବାୟ, ଶ୍ରମ ବିଭାଗ, ଜଳସେଚନ ବିଭାଗ, ମତ୍ସ୍ୟ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ପୂର୍ତ୍ତ, ପାନୀୟ ଜଳ ଓ କେନ୍ଦୁପତ୍ର ବିଭାଗର କାର୍ଯ୍ୟ ଓ ବିଭିନ୍ନ ପ୍ରକଳ୍ପର ସ୍ଥିତି ସମ୍ପର୍କରେ ଆଲୋଚନା ହୋଇଥିଲା । ଗ୍ରାମୀଣ ଆବାସ ଯୋଜନା, ଏମଜିଏନଆରଇଜିଏସ, ସ୍ୱଚ୍ଛ ଭାରତ ମିଶନର କାର୍ଯ୍ୟକାରିତା ଉପରେ ସି ଡି ଓ କହଁର ତଥ୍ୟ ପ୍ରଦାନ କରିଥିଲେ । ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲା ପରିଷଦ ସନତ ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ।

## ପୂର୍ବରୁ ତଥ୍ୟ ଦିଆଯାଉନି, ଧାରଣାରେ ବସିଲେ ଲବ

ଜିଲା ପରିଷଦ ବୈଠକରେ ସଦସ୍ୟା ସଦସ୍ୟଙ୍କ କଥାକୁ ଗୁରୁତ୍ୱ ଦିଆଯାଉନି। ବୈଠକର ୭ ଦିନ ପୂର୍ବରୁ ବୈଠକର ଏଜେଣ୍ଡା ଓ ବିଭାଗ ୱାରି ତଥ୍ୟ ଦେବାର ନିୟମ ଥିବା ବେଳେ ବୈଠକ ଆରମ୍ଭର ମାତ୍ର କେଇ ମିନିଟ୍ ପୂର୍ବରୁ ତାହା ଦିଆଯାଉଛି। ସଦସ୍ୟାସଦସ୍ୟ ମାନେ ପୂର୍ବରୁ ପ୍ରସ୍ତୁତ ହୋଇ ଆସି ପାରୁନାହାନ୍ତି। ସେହିପରି ପୂର୍ବ ବୈଠକରେ ସଦସ୍ୟା ସଦସ୍ୟ ଉଠାଇଥିବା ବିଭିନ୍ନ ପ୍ରସଙ୍ଗ ବିବରଣୀରେ ସ୍ଥାନିତ ହୋଇନାହିଁ। ଏଭଳି ଅଭିଯୋଗ ଆଣିଥିଲେ ଜିଲା ପରିଷଦ ଉପାଧ୍ୟକ୍ଷ ଝସକେତନ ବଘାର ଓ ଜିଲା ପରିଷଦ ସଭ୍ୟ ଲବ କୁମାର ସାହୁ। ଏହାର ପ୍ରତିବାଦରେ ସଭ୍ୟ ଲବ ସାହୁ ବୈଠକ ସ୍ଥଳରେ ତଳେ ଧାରଣାରେ ବସିଥିଲେ। ମନ୍ତ୍ରୀ ନିରଞ୍ଜନ ପୂଜାରୀ ଓ ଭାରପ୍ରାପ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶଙ୍କ ପ୍ରତିଶ୍ରୁତି ପରେ ସାହୁ ଧାରଣାରୁ ଉଠିଥିଲେ।



ଜିଲା ପରିଷଦ ସଦସ୍ୟ ଲବ କୁମାର ସାହୁ ଧାରଣାରେ ବସିଛନ୍ତି।

# ବୁରୁବୁଡ଼ାରେ ଶୀତଳ ଷଷ୍ଠୀ ପାଳିତ



ମହାଦେବ ବରଯାତ୍ରୀ ସହ ମାତା ପାର୍ବତୀଙ୍କ ଘରକୁ ଯାଉଛନ୍ତି।

**ପୁରୁଣାକଟକ,୨୪ା୫(ଡି.ଏନ.ଏ.)**

- ସରିଲା ଦେବ ଦମ୍ପତିଙ୍କ ବିବାହ ଉତ୍ସବ
- ସାଂସ୍କୃତିକ ଶୋଭାଯାତ୍ରାରେ କମ୍ପିଲା ଅଞ୍ଚଳ

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ତିଲେଶ୍ୱର ପଞ୍ଚାୟତ ବୁରୁବୁଡା ଶିବ ମନ୍ଦିରରେ ଶୀତଳ ଷଷ୍ଠୀ ଯାତ୍ରା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ମହାଦେବଙ୍କ ପିତାମାତା ଭାବେ ଟଭାପଦର ଗ୍ରାମର ବିକ୍ରମ ପ୍ରଧାନ ଓ ସରିତାରାଣୀ ପ୍ରଧାନ ଏବଂ ମାତା ପାର୍ବତୀଙ୍କ ପିତା ମାତା ଭାବେ ଶେଷଦେବ ପ୍ରଧାନ ଓ କୌଶଲ୍ୟା ପ୍ରଧାନ ଦାୟିତ୍ୱ ତୁଲାଇଥିଲେ । ନିର୍ଦ୍ଧାରିତ ଲଗ୍ନ ଅନୁଯାୟୀ ବାବା ଗୁପ୍ତେଶର ମନ୍ଦିରରୁ ବୁଧବାର ସକାଳ ୭ ଟାରେ ମହାଦେବ ଓ ମାତା ପାର୍ବତୀଙ୍କୁ ପିତାମାତାଙ୍କ ଘରକୁ ନିଆଯାଇଥିଲା। ପରେ ମହାଦେବ ଟଭାପଦର ଗ୍ରାମରୁ ଏକ ସାଂସ୍କୃତିକ ଶୋଭାଯାତ୍ରାରେ ବରଯାତ୍ରୀ ସହ ଆସି ବୁରୁବୁଡା ଶିବ ମନ୍ଦିରରେ ପହଞ୍ଚିଥିଲେ। କନ୍ୟା ଘର ପକ୍ଷରୁ ମହାଦେବଙ୍କୁ ବାଟ ବରଣ କରି ବେଦୀ ପାଖକୁ ନିଆଯାଇଥିଲା। ସେଠାରେ ନିର୍ଦ୍ଧାରିତ ଲଗ୍ନରେ ନିବନ୍ଧ କାର୍ଯ୍ୟକ୍ରମ ସମାପନ ହୋଇଥିଲା। ପରେ ସେଠାରେ ଉଭୟ ପରିବାର ଲୋକ ଓ ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ବୈଦିକ ରୀତିନୀତିରେ ଦେବ ଦମ୍ପତିଙ୍କ ବିବାହ ସମ୍ପନ୍ନ ହୋଇଥିଲା। ସାଂସ୍କୃତିକ ଶୋଭାଯାତ୍ରାରେ ଢୋଲ, ବାଦ୍ୟ, ମହୁରୀ, ସଂକୀର୍ତ୍ତନ ଦଳ, ମହିଳା ସଂକୀର୍ତ୍ତନ ଦଳ ସାମିଲ ହୋଇଥିଲା। ଫଳରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇ ଉଠିଥିଲା । ଏହି ଅବସରରେ ଉଭୟ ପରିବାର ସହ ମନ୍ଦିର କମିଟି ପକ୍ଷରୁ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ଶୀତଳ ଷଷ୍ଠୀ କାର୍ଯ୍ୟକ୍ରମରେ ମନ୍ଦିର ପରିଚାଳନା କମିଟି ସଭାପତି ସୁରେନ୍ଦ୍ର ପ୍ରଧାନ, ସମ୍ପାଦକ ଲବକିଶୋର ପ୍ରଧାନ, ସହ ସମ୍ପାଦକ ଶୁଭ୍ରଜିତ ପ୍ରଧାନ, କୋଷାଧ୍ୟକ୍ଷ ସୁବାଷ ପଣ୍ଡାଙ୍କ ସମେତ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

## ଶିଶୁମଙ୍ଗଳ ସମିତିର ନୂତନ ଅଧ୍ୟକ୍ଷଙ୍କ କାର୍ଯ୍ୟରେ ଯୋଗଦାନ

**ବୌଦ୍ଧ,୨୪ା୫(ସ୍ୱ.ପ୍ର.):** ମହିଳା ଓ ଶିଶୁବିକାଶ ବିଭାଗ ନିର୍ଦ୍ଦେଶରେ ବୌଦ୍ଧ ଜିଲା ଶିଶୁମଙ୍ଗଳ ସମିତିର ଅଧ୍ୟକ୍ଷ ଭାବେ ଦାମୋଦର ସାହୁ ଯୋଗଦାନ କରିଥିବା ବେଳେ ସଦସ୍ୟ ଭାବେ ରାଜୀବ ନାୟକ, ପ୍ରମୋଦ କୁମାର ସାହୁ, ସଦସ୍ୟା ଭାବେ ପୁଷ୍ପିତା ପ୍ରଧାନ ଓ ପ୍ରିୟଦର୍ଶନୀ ପୁରୋହିତ ମଙ୍ଗଳବାର କାର୍ଯ୍ୟରେ ଯୋଗଦାନ କରିଛନ୍ତି । ଜିଲାପାଳ ସତ୍ୟ ରଞ୍ଜନ ସାହୁଙ୍କ ଉପସ୍ଥିତିରେ ସମିତିର ଅଧ୍ୟକ୍ଷ ଓ ସଦସ୍ୟାସଦସ୍ୟମାନେ ଦାୟିତ୍ୱ ଗ୍ରହଣ କରିଥିଲେ । ଦାୟିତ୍ୱ ଗ୍ରହଣ ସମୟରେ ଅତିରିକ୍ତ ଜିଲାପାଳ ଦାରିଦ୍ର୍ୟ ଭଞ୍ଜନ ମଦନ ମୋହନ ପାତ୍ର, ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶ୍ୱିନ କୁମାର ମେହେର ଓ ଜିଲା ଶିଶୁ ସୁରକ୍ଷା ଅଧିକାରୀ ରାହୁଲ ପ୍ରଧାନ ଉପସ୍ଥିତ ଥିଲେ ।

## ହିନ୍ଦୀ ଶିକ୍ଷକଙ୍କ ପରଲୋକ

**ବୌଦ୍ଧ,୨୩ା୫(ସ୍ୱ.ପ୍ର.):** ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଛତରଙ୍ଗସ୍ଥିତ ନାରାୟଣ ଉଚ୍ଚ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ପ୍ରଦୀପ କୁମାର ସାହୁ (୫୭)ଙ୍କ ସୋମବାର ଦିନ ପରଲୋକ ହୋଇଯାଇଛି । ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । ମୃତ୍ୟୁ ଶଯ୍ୟା ନିକଟରେ ପୁଅ, ଝିଅ ଓ ସ୍ତ୍ରୀ ଉପସ୍ଥିତ ଥିଲେ ।

# ରେଳଷ୍ଟେଶନ ନାମ ନରସିଂହଗଡ଼ ରଖିବାକୁ ଦାବି



ନରସିଂହଗଡର ମହିଳାମାନେ ଜିଲାପାଳଙ୍କୁ ଭେଟିବାକୁ ଆସିଛନ୍ତି।

**ସୋନପୁର,୨୪ା୫(ନି.ପ୍ର.)**

ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ଅନ୍ତର୍ଗତ ସୋନପୁର ବ୍ଲକ ନରସିଂହଗଡରେ ନୂତନ ଭାବେ ରେଳଷ୍ଟେଶନ ନିର୍ମାଣ ହୋଇଛି । ତେବେ ଏହି ଷ୍ଟେଶନର ନାମ ଖମ୍ବେଶ୍ୱରୀପାଲି ରଖିବା ପାଇଁ ସରକାରୀ ସ୍ତରରେ ଉଦ୍ୟମ ହେଉଛି । ରେଳ ବିଭାଗ ପକ୍ଷରୁ ଖମ୍ବେଶ୍ୱରୀପାଲି ଷ୍ଟେଶନ ଲେଖା ଯାଉଥିବା ନରସିଂହଗଡ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ହରଡଖୋଲ ପଞ୍ଚାୟତ ନରସିଂହଗଡ ରାଜସ୍ୱ ଗ୍ରାମରେ ଷ୍ଟେଶନ ନିର୍ମାଣ ହୋଇଥିବା ବେଳେ ଷ୍ଟେଶନର ନାମ ଖମ୍ବେଶ୍ୱରୀପାଲି ରଖାଯିବାକୁ ବିରୋଧ କରାଯାଉଛି। ବୁଧବାର ଗ୍ରାମର ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର କର୍ମକର୍ତ୍ତାମାନେ ସୋନପୁର ବିଧାୟକ ତଥା ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ, ଭାରପ୍ରାପ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଗ୍ରାମବାସୀଙ୍କ ସମେତ ନରସିଂହଗଡର ମା' ସମଲେଶ୍ୱରୀ ସ୍ୱୟଂ ସହାୟକ ଗୋଷ୍ଠୀର ସଭାନେତ୍ରୀ କୁନ୍ତି କୁମ୍ଭାର, ସମ୍ପାଦିକା ଶାନ୍ତି ମହାନନ୍ଦ, ମା' ସରସ୍ୱତୀ ସ୍ୱୟଂ ସହାୟକ ଗୋଷ୍ଠୀର ସଭାନେତ୍ରୀ ମନ୍ଦ ବିଶ୍ୱାଳ, ସମ୍ପାଦିକା ଅହଲ୍ୟା ମହାନନ୍ଦ, ସୁନା କୁମ୍ଭାର, ଶିବଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ମାଳତି ବଗର୍ତ୍ତି, ଗୀତା ନାଗ, ଶାନ୍ତିଲତା ବିଭାର ଓ ସେବତୀ ମହାନନ୍ଦ ପ୍ରମୁଖ ଷ୍ଟେଶନର ନାମ ନରସିଂହଗଡ ରଖିବାକୁ ଅନୁରୋଧ କରିଛନ୍ତି। ନଚେତ୍ ଆନ୍ଦୋଳନ କରିବାକୁ ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ପ୍ରକାଶ ଯେ, ରେଳପଥ କାମ ଉଭୟ ପଟୁ ଚାଲିଛି। ବଲାଙ୍ଗୀର ପଟୁ ସୁବର୍ଣ୍ଣପୁର ଜିଲାର ଝାରତରଭା ପର୍ଯ୍ୟନ୍ତ କାମ ସରି ଟ୍ରେନ୍ ଚାଲିଲାଣି। ଏବେ ଝାରତରଭାରୁ ୧୦ କିଲୋମିଟର ସୋନପୁର ବ୍ଲକ ନରସିଂହଗଡ ପର୍ଯ୍ୟନ୍ତ କାମ ସମ୍ପୂର୍ଣ୍ଣ ହୋଇଛି । କେବଳ ରେଳ ବିଭାଗ ପକ୍ଷରୁ ଟ୍ରାଏଲ ଭାବରେ ଟ୍ରେନ୍ ଚାଲିବା ବାକି ଅଛି।

## ଅସହାୟ ମହିଳାଙ୍କ ମୃତଦେହ ସତ୍କାର କଲେ ସ୍ୱେଚ୍ଛାସେବୀ

**ବୌଦ୍ଧ,୨୪ା୫(ସ୍ୱ.ପ୍ର.)**

ବୌଦ୍ଧର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଶ୍ରୀରାମଲୀଳା ନାଟ୍ୟ ସଂସଦର ସ୍ୱେଚ୍ଛାସେବୀମାନେ ଜଣେ ଅସହାୟ ମହିଳାଙ୍କ ମୃତଦେହ ସତ୍କାର କରିଛନ୍ତି। ସୂଚନା ମୁତାବକ, ନାରାୟଣପୁର ସ୍ୱାଧାର ଗୃହଠାରେ ରହୁଥିବା ଜୟନ୍ତୀ ନାମକ ଜଣେ ଅସହାୟ ମହିଳା(୫୦)ଙ୍କ ବୁଧବାର ପରଲୋକ ହୋଇଯାଇଥିଲା। ଜୟନ୍ତୀଙ୍କର ପରିବାର ସଦସ୍ୟଙ୍କ ସହ କୌଣସି ସଂପର୍କ ନ ଥିବାରୁ ସ୍ୱାଧାର ଗୃହର କାଉନସେଲର ସବିତା ହୋତା ଶବଦାହ ପାଇଁ ଶ୍ରୀରାମଲୀଳା ନାଟ୍ୟ ସଂସଦର କର୍ମକର୍ତ୍ତାଙ୍କୁ ଅନୁରୋଧ କରିଥିଲେ। ସୂଚନା ପାଇ ନାଟ୍ୟ ସଂସଦର ସ୍ୱେଚ୍ଛାସେବୀ କାହ୍ନା ମହାପାତ୍ର,ସନ୍ତୋଷ କୁମାର ସାହୁ, ରିତେଶ ମହାପାତ୍ର ପ୍ରମୁଖ ପହଞ୍ଚି ବୌଦ୍ଧ ରାଜଘାଟ ଠାରେ ମହିଳାଙ୍କ ଶବଦାହ କରିଥିଲେ। ଏହି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି।

# ଜିଲାସ୍ତରୀୟ ସନ୍ତରଣ ପ୍ରତିଯୋଗିତା




ପ୍ରତିଯୋଗିତାରେ ମଞ୍ଚାସୀନ ଅତିଥି, କର୍ମକର୍ତ୍ତା, କୋଚ ଓ ପ୍ରତିଯୋଗୀ।

**ସୋନପୁର,୨୪ା୫(ନି.ପ୍ର.)**

**ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ ୬ ପ୍ରତିଯୋଗୀ**

ସୁବର୍ଣ୍ଣପୁର ଜିଲା ସନ୍ତରଣ ସଂଘ ପକ୍ଷରୁ ରାମେଶ୍ୱର ଷ୍ଟାଡିୟମ ସ୍ଥିତ ବିଜୁ ପଟ୍ଟନାୟକ ସନ୍ତରଣାଗାରରେ ଜିଲାସ୍ତରୀୟ ସନ୍ତରଣ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଦିଗାମ୍ବର ଶତପଥୀଙ୍କ ଅଧ୍ୟକ୍ଷତାରେ ସବ୍ ଜୁନିୟର, ଜୁନିୟର ଓ ସିନିୟର ବର୍ଗରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଭାରପ୍ରାପ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ ମୁଖ୍ୟଅତିଥି, ଏସ୍‌ପି ଅମରେଶ କୁମାର ପଣ୍ଡା, ଜିଲା କ୍ରୀଡା ଅଧିକାରୀ ଅଭିଳାଷ ପୁରୋହିତ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଜିଲା ସନ୍ତରଣ ସଂଘ ସଭାପତି ପ୍ରଦୀପ ମହାନ୍ତି, ଉପସଭାପତି ବିଦ୍ୟାଧର ମିଶ୍ର, ସମ୍ପାଦକ ଜୟନାରାୟଣ ମେଣ୍ଡଲି, ସହ ସମ୍ପାଦକ ଭକ୍ତିରଞ୍ଜନ ଦଳାଇ, କୋଷାଧ୍ୟକ୍ଷ ମନୋରଞ୍ଜନ ମିଶ୍ର, ସୁରଜ ବାଘ ଓ ବିଶ୍ୱରଞ୍ଜନ ଦଳାଇ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରତିଯୋଗିତାରେ ମୋଟ ୧୩୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ମୁଖ୍ୟ କୋଚ୍ ସଞ୍ଜୟ ପାଣ୍ଡେ, ସହକାରୀ କୋଚ୍ ନିମାଇଁ ଚରଣ ବାଘ, ଆକାଶ ସାହୁ, ରଘୁନାଥ ଥନାପତି, ଗୋପାଳ ସେଠ୍ ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିଥିଲେ। ଏହି ପ୍ରତିଯୋଗିତାରେ ୬ ଜଣ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ଚୟନ କରାଯାଇଛି। ଆସନ୍ତା ଜୁନ୍ ୪ ରୁ ୭ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ସେମାନେ ଭାଗ ନେବେ ବୋଲି ଜଣାପଡିଛି।

# ବୀରମହାରାଜପୁର ବିଇଓ କାର୍ଯ୍ୟାଳୟ ପକ୍ଷରୁ ମାଟ୍ରିକ ଏ-୧ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

**ଅମରପାଲି,୨୪ା୫(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ତରଫରୁ ଚଳିତ ମାଟ୍ରିକ ପରୀକ୍ଷାରେ ଏ-୧ ଗ୍ରେଡରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପରିସରରେ ଗୋଷ୍ଠୀ ଶିକ୍ଷା ଅଧିକାରୀ(ବିଇଓ) ଶାନ୍ତନୁ କୁମ୍ଭକାରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଏବିଇଓ ବାର୍ଣ୍ଣା ଡୁଙ୍ଗଡୁଙ୍ଗ, ସୁଶିଳ ପରିଡା, ବାଞ୍ଛାନିଧି ମିଶ୍ର, ବୀରମହାରାଜପୁର ବାଳିକା ହାଇସ୍କୁଲ ର ପ୍ରଧାନ ଶିକ୍ଷୟିତ୍ରୀ ଅନିତା ରାଣୀ ହୋତା, କମିରାସ୍ଥିତ ବାପୁଜୀ ହାଇସ୍କୁଲର ପ୍ରଧାନ ଶିକ୍ଷକ ଲିଙ୍ଗରାଜ ପଧାନ ଅତିଥି ଭାବେ ଯୋଗ ଦେଇଥିଲେ। ଚଳିତ ମାଟ୍ରିକ ପରୀକ୍ଷାରେ ବୀରମହାରାଜପୁର ବ୍ଲକର ଦୁଇ ଜଣ ପରୀକ୍ଷାର୍ଥୀ ଏ-୧ଗ୍ରେଡରେ ପାସ କରିଥିଲେ। ତେଣୁ ଉଭୟ ପରୀକ୍ଷାର୍ଥୀଙ୍କୁ ପୁଷ୍ପଗୁଚ୍ଛ ଓ ସ୍ମୃତିଫଳକ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ବୀରମହାରାଜପୁର ବାଳିକା ହାଇସ୍କୁଲର ଛାତ୍ରୀ ବିଶ୍ୱରୂପା ୬୦୦ ନମ୍ବର ରୁ ୫୫୫ନମ୍ବର ରଖିଥିବା ବେଳେ କମିରା ବାପୁଜୀ ହାଇସ୍କୁଲର ଅନିଲ ପଧାନ ୬୦୦ନମ୍ବରରୁ ୫୪୦ ନମ୍ବର ରଖି ଏ-୧ଗ୍ରେଡରେ ସଫଳତାର ପାସ କରିଛନ୍ତି। ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ହିଲୁଙ୍ଗ କ୍ଲଷ୍ଟରର ସିଆରସିସି ରାଜ କୁମାର ବାଦୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ବହଳପଦର କ୍ଲଷ୍ଟରର ସିଆରସିସି ପ୍ରଦୀପ ଜଗଦଲା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଉଫୁଲା ସିଆରସିସି ମନୋଜ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଇଓ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ, ସିଆରସିସି ଓ ଉଭୟ କୃତୀ ଛାତ୍ରୀଛାତ୍ରଙ୍କ ମାଆ ବାପା ଉପସ୍ଥିତ ଥିଲେ।



ଏ-୧ଗ୍ରେଡରେ ପାସ୍ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି।

# ଦୁର୍ଗମ ଅଞ୍ଚଳ କଣ୍ଡରା, କାଟପାଜୁ ଗାଁରେ ଜିଲାପାଳ

**ବୌଦ୍ଧ,୨୪ା୫(ସ୍ୱ.ପ୍ର.)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଆଡେଣୀଗଡ ପଞ୍ଚାୟତର ବଣପାହାଡ ଘେରା ଦୁର୍ଗମ ଅଞ୍ଚଳକୁ ବୁଧବାର ଦିନ ଜିଲାପାଳ ସତ୍ୟ ରଞ୍ଜନ ସାହୁ ଗସ୍ତ କରିଥିଲେ। ଏହି ଅବସରରେ ଜିଲାପାଳ ସାହୁ କଣ୍ଡରା, କାଟପାଜୁ ଗାଁରେ ପହଞ୍ଚି ଲୋକଙ୍କ ସହ ଆଲୋଚନା କରିଥିଲେ। କାଟପାଜୁ ଗ୍ରାମରେ ଥିବା ବିଦ୍ୟାଳୟ ପଡିଆରେ ବସି ଲୋକଙ୍କ ସମସ୍ୟା ପଚାରି ବୁଝିଥିଲେ। କୃଷ୍ଣଚନ୍ଦ୍ର କହଁର ଗାଁର ସମସ୍ୟା ନେଇ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଶେଷ କରି ରାସ୍ତା, ପିଇବା ପାଣି, ଶିକ୍ଷା, ସ୍ୱାସ୍ଥ୍ୟ, ମୋବାଇଲ ନେଟୱାର୍କ, ଅଙ୍ଗନୱାଡି କେନ୍ଦ୍ରରେ କର୍ମୀଙ୍କ ଅନୁପସ୍ଥିତି ସମ୍ପର୍କରେ କହିଥିଲେ । ଗାଁ ଲୋକଙ୍କ ଠାରୁ ସମସ୍ୟା ଶୁଣିବା ପରେ ଗାଁକୁ ସବୁଦିନିଆ ଏକ ପକ୍କା ରାସ୍ତା କରାଯିବାକୁ ଜିଲାପାଳ କହିଥିଲେ। ଏହାସହିତ ବି.ଏସ.ଏନ.ଏଲ ଟାୱାର ନିର୍ମାଣ ଦିଗରେ କର୍ତ୍ତୃପକ୍ଷଙ୍କ ସହ କଥା ହେବା ପାଇଁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। କାଟପାଜୁ ସ୍କୁଲ ପରିଦର୍ଶନ କରିବା ସହିତ ଏହାର ପାଚେରି ଓ ଖେଳପଡିଆ ନିର୍ମାଣ ପାଇଁ ନିର୍ଦ୍ଦେଶ ଦେଇଥିଲେ। କାଟପାଜୁ ଅଙ୍ଗନୱାଡି କେନ୍ଦ୍ରରେ କର୍ମୀଙ୍କ ଅନୁପସ୍ଥିତି ଏବଂ ଛତୁଆ ବଣ୍ଟନ ଠିକ ଭାବରେ ହେଉ ନ ଥିବା ଜାଣିବାକୁ ପାଇବା ପରେ ସୁପରଭାଇଜରଙ୍କୁ ନିଜେ ଆସି ଏହାର ତଦାରଖ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ପାଣି ସମସ୍ୟା ଦେଖି ଉଭୟ ଗାଁରେ ଦୁଇଟି ସୋଲାର କୂଅ ନିର୍ମାଣ ସହିତ ବନ୍ଧ ଖନନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଦୁଇ ଗାଁରେ ସୋଲାର ଲାଇଟ ଲଗାଇବା ପାଇଁ ବିଡିଓଙ୍କୁ କହିଥିଲେ। ଏହାସହିତ ସେଠାରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର କରିବାକୁ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। କଣ୍ଡରା ଗାଁରେ ଥିବା ଦୁଇଟି ସ୍ୱୟଂ ସହାୟକ ଗୋଷ୍ଠୀ ସହିତ କାଟପାଜୁ ଗ୍ରାମରେ ଥିବା ଗୋଟିଏ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସ୍ୱାବଲମ୍ବୀ ହେବା ଲାଗି ହଳଦୀ ,ଆଚାର, ବଡି, ପାମ୍ପଡ, ଆମ୍ବୁଲ ଏବଂ ଖଜୁରୀ ରସରୁ ଗୁଡ ସହିତ ବାଇଓ ଫ୍ଲକ ସିଷ୍ଟମରେ ମାଛଚାଷ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେମାନଙ୍କ ପାଇଁ ମାର୍କେଟିଂ ଓ ଅନ୍ୟାନ୍ୟ ସୁବିଧା ପାଇଁ ଓରମାସ ଏବଂ ଆର.ଏମ.ସିକୁ ସହଯୋଗ ପାଇଁ କହିଥିଲେ। କଣ୍ଡରା ଗ୍ରାମର ମାଟ୍ରିକ ପାଶ କରିଥିବା ଦୁଇଜଣ ଭାଇଭଉଣୀଙ୍କ ଉଚ୍ଚଶିକ୍ଷା ପାଇଁ ଜିଲାପାଳ ସହଯୋଗର ହାତ ବଢାଇଥିଲେ । କଣ୍ଡରା ଗ୍ରାମର ଅସହାୟ ଅବସ୍ଥାରେ ରହିଥିବା ବୃଦ୍ଧା ଗୋପ ଦେହୁରୀ ଭଳି ଜଣେ ବରିଷ୍ଠ ନାଗରିକଙ୍କୁ ଚାରିଛକସ୍ଥିତ ବରିଷ୍ଠ ନାଗରିକ ଗୃହରେ ଥଇଥାନ କରିଥିଲେ। ଜିଲାପାଳଙ୍କ ଗସ୍ତ ସମୟରେ ବୌଦ୍ଧ ଜିଲାପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେର, ବୌଦ୍ଧ ଡି.ଏଫ.ଓ ଦେବପ୍ରିୟ କମ୍ପ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁଶେଖର ପୁଜାରୀ, ଜିଲା ଯୋଗାଣ ଅଧିକାରୀ ବିଭୁପ୍ରସନ୍ନ ଆଚାର୍ଯ୍ୟ, ଜିଲା ସୂଚନା ଅଧିକାରୀ ରୀତିକାନ୍ତି ବଳିଆର ସିଂ, ହରଭଙ୍ଗା ବିଡିଓ ସ୍ୱପ୍ନିତା ନାଏକଙ୍କ ସମେତ ବହୁ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।



ଦୁର୍ଗମ ଅଞ୍ଚଳ କଣ୍ଡରାରେ ଜିଲାପାଳ ଲୋକଙ୍କ ସମସ୍ୟା ବୁଝୁଛନ୍ତି।

### ଗାଁକୁ ହେବ ସ୍ଥାୟୀ ରାସ୍ତା

## ଖାଡ଼େଶ୍ୱର ମନ୍ଦିରରେ ଶିବପାର୍ବତୀ ବିବାହ

ହେମଗିର (ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା ହେମଗିରସ୍ଥିତ ଖାଡ଼େଶ୍ୱର ମନ୍ଦିରରେ ଶିବପାର୍ବତୀଙ୍କ ବିବାହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମନ୍ଦିରରେ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଛି। କନ୍ୟା ପିତାଭାବେ ସରୋଜ ପଟେଲ ଦାୟିତ୍ୱ ତୁଲାଇ ଥିବାବେଳେ ବର ପିତାଭାବେ ତ୍ରିଲୋଚନ ପଟ୍ଟନାୟକ କାର୍ଯ୍ୟ ତୁଲାଇଥିଲେ। ପୁରୋହିତଭାବେ ରମେଶ ଶତପଥୀ ଓ ରାଜକୁମାର ନାୟକ ଥିଲେ। ଏହି ଅବସରରେ ଅଶୋକ ବହିଦାର, ଚନ୍ଦନ ଭୋଇ, ରବୀନ୍ଦ୍ର ଧୁଆ, ଲାଲନ ରାଏ, ବିଶ୍ୱଜିତ ରାଏ, ବିକାଶ କୁଅଁର ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## ସଂକ୍ଷେପରେ

### କେନ୍ଦୁପତ୍ର କର୍ମଚାରୀ ସଂଘ ବୈଠକ

ସମ୍ବଲପୁର,୨୪।୫(ବ୍ୟୁରୋ): ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ସମ୍ବଲପୁର ଡିଭିଜନର ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ବିଜୟ କୁମାର ମହାନ୍ତି ସଭାପତିତ୍ୱ କରିଥିଲେ। ରାଜ୍ୟ ଉପସଭାପତି ତଥା ଡିଭିଜନ ସମ୍ପାଦକ ଗୋକୁଳ ମେହେର ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଥିବା ରାଜ୍ୟ କାର୍ଯ୍ୟକାରୀ କମିଟି ବୈଠକରେ ଗୃହୀତ ପ୍ରସ୍ତାବଗୁଡ଼ିକ ଉପରେ ଆଲୋକପାତ କରିଥିଲେ। ରାଜ୍ୟ ସମ୍ପାଦକ ସଞ୍ଜିତ ମହାନ୍ତିଙ୍କ ସମେତ ବିଭିନ୍ନ ରେଞ୍ଜର ସମ୍ପାଦକମାନେ ଉପସ୍ଥିତ ରହିଥିଲେ। ଗଣ ନାରାୟଣ ମହାପାତ୍ର, ରମେଶ ମାହାର, ଚୈତନ୍ୟ ହୋତା, ଅନାଦି ମିର୍ଦ୍ଧା, ଡିଙ୍ଗର ପ୍ରଧାନ, ହିମାଂଶୁ ପୁରୋହିତ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ତୋଳାଳୀ, ସିଜିନାଲ କର୍ମଚାରୀ, ବନ୍ଧାଇ ଶ୍ରମିକଙ୍କୁ ବୋନସ ପ୍ରଦାନ, କର୍ମଚାରୀଙ୍କ ଦରମା ବୃଦ୍ଧି, କନ୍ୟା ବିବାହ ସହାୟତା, ଚାକିରୀ ସର୍ତ୍ତାବଳୀ ପ୍ରଣୟନ କରିବା ଭଳି ସମସ୍ୟା ଉପରେ ଆଲୋଚନା ହୋଇଥିଲା। ମେ ୩୦ରେ ସମ୍ବଲପୁର ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ ପାଇଁ ଦାବିପତ୍ର ପ୍ରଦାନ କରାଯିବାରକୁ ସ୍ଥିର ହୋଇଥିଲା।

### ଜଳ ପରିମଳ ଓ ସ୍ୱଚ୍ଛ ଭାରତ ମିଶନ କର୍ମଶାଳା

କୁଚିଣ୍ଡା,୨୪।୫(ଡି.ଏନ.ଏ.): କୁଚିଣ୍ଡା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ମଙ୍ଗଳବାର ବ୍ଲକ ସ୍ତରୀୟ ଜଳ ପରିମଳ ଓ ସ୍ୱଚ୍ଛ ଭାରତ ମିଶନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ନିରଞ୍ଜନ ସାଙ୍କ ଅଧକ୍ଷତାରେ ହୋଇଥିବା କର୍ମଶାଳାରେ ଜିଲା ପରିଷଦ ଅତିରିକ୍ତ ନିର୍ବାହୀ ଅଧିକାରୀ (ଏପିଡି) ରମେଶ ହାଁସଦା, ଅତିରିକ୍ତ ବିଡିଓ ସହଦେବ ନନ୍ଦ, ବ୍ଲକ ସାଧନ ସଂଯୋଜକ ଶରତ କର୍ଣ୍ଣ ପ୍ରମୁଖ ଯୋଗଦେଇ ସ୍ୱଚ୍ଛ ଭାରତ ମିଶନର କାର୍ଯ୍ୟକାରିତା ଉପରେ ଆଲୋଚନା କରିଥିଲେ। ସମସ୍ତେ ପାଇଖାନା ବ୍ୟବହାର କରିବା, ଏକ ଗାତ ବିଶିଷ୍ଟ ପାଇଖାନାରୁ ଦୁଇଗାତ ବିଶିଷ୍ଟ ପାଇଖାନା ପ୍ରସ୍ତୁତି ଉପରେ ଆଲୋକପାତ କରିଥିଲେ। ଏଥିରେ ସମସ୍ତ ପଞ୍ଚାୟତର ନିର୍ବାଚିତ ସରପଞ୍ଚ, ସମିତିସଭ୍ୟ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଓ ମିଶନ ଶକ୍ତି କର୍ମଚାରୀ ଉପସ୍ଥିତ ଥିଲେ। ଶେଷରେ ଅତିରିକ୍ତ ବିଡିଓ ନନ୍ଦ ଧନ୍ୟବାଦ ଦେଇଥିଲେ।

### ହରିଜନପଡ଼ାରେ ଅଷ୍ଟପ୍ରହର ନାମଯଜ୍ଞ



କୋଲାବିରା,୨୪।୫(ଡି.ଏନ.ଏ.): କୋଲାବିରା ହରିଜନପଡାଠାରେ ଅଖଣ୍ଡ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ସୋମବାର କଳସ ଶୋଭାଯାତ୍ରା ପରେ ନାମଯଜ୍ଞ ଆରମ୍ଭ ହୋଇଥିଲା। ହେମନ୍ତ ଭଞ୍ଜ ଓ ସ୍ତ୍ରୀ ପଞ୍ଚମୀ ଭଞ୍ଜ କର୍ତ୍ତାଦାୟିତ୍ୱ ତୁଲାଇଥିଲେ। ଭୋଜପୁର, ସାହାସପୁର, ସାହ୍ଲେଟିକ୍ରା, ସାହ୍ଲେପାଲି, ଜଟିଆଡିହି ଆଦି ଗ୍ରାମର ସଂକୀର୍ତ୍ତନ ଦଳ ନାମ ପରିବେଷଣ କରିଥିଲେ। ମଙ୍ଗଳବାର ଅପରାହ୍ନରେ ନାମସମାପନ, ନଗରଭ୍ରମଣ, ଦଧିଭାଣ୍ଡ ଭଙ୍ଗ ସହିତ ନାମଯଜ୍ଞ ପୂର୍ଣ୍ଣାହୁତି ହୋଇଥିଲା। ପୂଜକ ଗଣେଶ୍ୱର ମହାନନ୍ଦ ପୂଜାକାର୍ଯ୍ୟ ତୁଲାଇଥିଲେ। ସୁନୀଲ ଭଞ୍ଜ, ମୁକ୍ତେଶ୍ୱର ଗୋଖରା, ଭେଷଜ କରାଲୀ, ଭିମ ଭଞ୍ଜ, ଦିଲିପ ଭଞ୍ଜ, ଗାନ୍ଧୀ ରଣବିତା, ଉତ୍ତମ ସୁନାନୀ, ଦୀପକ ଗୋଖରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ସଡ଼କ ଦୁର୍ଘଟଣାରେ ଜଣେ ମୃତ

ଗାଇସିଲେଟ୍,୨୪।୫(ଡି.ଏନ.ଏ): ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଖଏରପାଲିରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ଗାଇସିଲେଟ ଗାନ୍ଧିନଗର ନିବାସୀ ଇନ୍ଦ୍ରଜିତ କଲେତ ବୋଲି ଜଣାପଡ଼ିଛି। ତାଙ୍କ ସହିତ ବସିଥିବା ଅନ୍ୟ ଜଣେ ଗାଇସିଲେଟର ବାଦଲ ସାହୁ ଆହତ ହୋଇଛନ୍ତି।

# ଶିକ୍ଷାବିତ୍, ଛାତ୍ର ନେତାଙ୍କ କ୍ଷୋଭ

କୁଚିଣ୍ଡା,୨୪।୫(ଡି.ଏନ.ଏ.)



ସଭାରେ ଯୋଗଦେଇଥିବା ଶିକ୍ଷାବିତ୍ ଓ ଛାତ୍ରନେତା।

କୁଚିଣ୍ଡା ଉପଖଣ୍ଡର ଶିକ୍ଷା ସମସ୍ୟାକୁ ନେଇ ମଙ୍ଗଳବାର ଶିକ୍ଷାବିତ୍ ଓ ପଶ୍ଚିମ ଓଡିଶା ଛାତ୍ର ସଂଗଠନ ପକ୍ଷରୁ ଆଦିବାସୀ ଭବନରେ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି । ସୁବାସ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ହୋଇଥିବା ବୈଠକରେ ଛାତ୍ର ସଙ୍ଗଠନର କେନ୍ଦ୍ରୀୟ ସଂଯୋଜକ ଜୀତେନ୍ଦ୍ରିୟ ଧୁରୁଆ, ସହ ସଂଯୋଜକ ଅସୀମ ପଟେଲ, ଛାତ୍ର ନେତା ପ୍ରିତମ ପୃଷ୍ଠେଠ, ଖବରଦାତା ପ୍ରଭାତ ବେହେରା, ଅବସରପ୍ରାପ୍ତ ହାଇସ୍କୁଲ ପ୍ରଧାନ ଶିକ୍ଷକ ଭବାନୀ ଶଙ୍କର ନାୟକ ଓ ଗଙ୍ଗାଧର ପଟେଲ, ବନମାଳୀ ନାୟକ, ଅଶୋକ ପଟେଲ ପ୍ରମୁଖ ଯୋଗଦେଇ କୁଚିଣ୍ଡା ଉପଖଣ୍ଡର ଶିକ୍ଷା ସମସ୍ୟା ନେଇ ଆଲୋଚନା କରିଥିଲେ। ୧୯୮୯ରେ କୁଚିଣ୍ଡା କଲେଜକୁ ସରକାରୀ ମାନ୍ୟତା ଦିଆଯିବାକୁ କ୍ୟାବିନେଟ ମଞ୍ଜୁରୀ ହୋଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ସରକାରୀ ମାନ୍ୟତା ପାଇପାରି ନ ଥିବାରୁ ବୈଠକରେ କ୍ଷୋଭ ପ୍ରକାଶ ପାଇଥିଲା। ବହୁ ପୂର୍ବରୁ କୁଚିଣ୍ଡା କଲେଜରେ ପିଜି ଓ ବିଇଡି ପାଠ୍ୟକ୍ରମ ଆରମ୍ଭ ହୋଇଥିଲା।

**କୁଚିଣ୍ଡା ଉପଖଣ୍ଡରେ ଶିକ୍ଷା ସମସ୍ୟା**

ପରବର୍ତ୍ତୀ ସମୟରେ ବିଭାଗୀୟ ଅନୁମୋଦନ ହୋଇ ନ ପାରି ତାହା ବନ୍ଦ ହୋଇଯାଇଥିବାରୁ ଏହାର ପୁନଃପ୍ରଚଳନ ପାଇଁ ଆଲୋଚନା କରାଯାଇଥିଲା। ଏହାଛଡା ଶିକ୍ଷାନୁଷ୍ଠାନରେ ନିୟୋଜିତ କର୍ମଚାରୀ ଓ ଅନ୍ୟ ସରକାରୀ କର୍ମଚାରୀଙ୍କ ପିଲାମାନେ ସରକାରୀ ଶିକ୍ଷାନୁଷ୍ଠାନରେ ଯେପରି ଅଧ୍ୟୟନ କରିବେ ସେଥିପ୍ରତି ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ସେହିପରି ବାମରା ଡିଗ୍ରୀ କଲେଜରେ ବିଜ୍ଞାନ ପାଠ୍ୟକ୍ରମ ନ ଥିବା ବେଳେ ଜମନକିରା ଡିଗ୍ରୀ କଲେଜରେ ବିଜ୍ଞାନ ପାଠ୍ୟକ୍ରମ ସେଲଫ ଫାଇନାନ୍ସ ମୋଡରେ ପରିଚାଳିତ ହେବା ଦୁର୍ଭାଗ୍ୟର ବିଷୟ ବୋଲି ଆଲୋଚନା ହୋଇଥିଲା। ନିୟମାନୁଯାୟୀ ସମସ୍ତ ଆଇଟିଡିଏ ଅଞ୍ଚଳରେ ମହିଳା ଡିଗ୍ରୀ କଲେଜ ଖୋଲିବା ବ୍ୟବସ୍ଥା ଥାଇ ସୁଦ୍ଧା ଏ ପର୍ଯ୍ୟନ୍ତ ମହିଳା ଡିଗ୍ରୀ କଲେଜଟିଏ ସ୍ଥାପନ ହୋଇ ପାରିନାହିଁ। ବୈଠକର ନିଷ୍ପତ୍ତି କ୍ରମେ ଏହିସବୁ ସମସ୍ୟା ନେଇ ଆସନ୍ତା ଜୁନ ଦୁଇ ତାରିଖରେ ଉପଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଦୁଇ ଘଣ୍ଟିଆ ଧାରଣା ଦେବାକୁ ସିଦ୍ଧାନ୍ତ ହୋଇଥିଲା। ଶେଷରେ ରଶ୍ମିକାନ୍ତ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

## ନାବାଳିକାଙ୍କ ମୃତଦେହ ଜବତ, ହତ୍ୟା ସନ୍ଦେହ

ଜମନକିରା,୨୪।୫(ଡି.ଏନ୍.ଏ.): ଜମନକିରା ବ୍ଲକ ଗୁଣ୍ଡୁରୁଚୁଆଁ ପଞ୍ଚାୟତର ଓଭରହେଡ୍ ପାଣିଟାଙ୍କି ପରିସରରୁ ବୁଧବାର କୁଚିଣ୍ଡା ପୋଲିସ ଜଣେ ନାବାଳିକାଙ୍କ ମୃତଦେହ ଜବତ କରିଛି। ସେ ହେଲେ ଅମ୍ରିତା ସିଂ (୧୭)। ପୋଲିସ ସୂଚନା ଅନୁଯାୟୀ, ମଙ୍ଗଳବାର କୌଣସି କାମରେ ଅମ୍ରିତା ଘରୁ ବାହାରକୁ ଯାଇ ବିଳମ୍ବିତ ରାତି ପର୍ଯ୍ୟନ୍ତ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ବୁଧବାର ଭୋର ସମୟରେ ପାଣିଟାଙ୍କି ପରିସରରେ ତାଙ୍କ ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ସାଇଣ୍ଟିଫିକ ଦଳ ସହିତ ପହଞ୍ଚି ଘଟଣାର ତଦନ୍ତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହା ଏକ ହତ୍ୟାକାଣ୍ଡ ହୋଇଥାଇପାରେ ବୋଲି ପୋଲିସ ସନ୍ଦେହ କରୁଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟହେବ ବୋଲି ପୋଲିସ କହିଛି। ସୂଚନାଯୋଗ୍ୟ, ଅମ୍ରିତାଙ୍କ ବାପା ଇତାର ସିଂ ୧୫ବର୍ଷ ହେବ ବିହାର ରାଜ୍ୟରୁ ଆସି ଏଠାରେ ପରିବାର ସହ ରହି ଦିନ ମଜୁରିଆ ଭାବେ କାମ କରିଆସୁଛନ୍ତି।

## 'ପ୍ରତିଯୋଗିତା ମନୋଭାବରେ କାର୍ଯ୍ୟ କଲେ ସଫଳତା ମିଳିଥାଏ'

**ମାଟ୍ରିକ ଉତ୍କର୍ଷ ସମ୍ମାନ**



କାର୍ଯ୍ୟକ୍ରମ ଉଦ୍‌ଘାଟନ ଅବସରରେ ଅତିଥିମାନେ।

ସମ୍ବଲପୁର,୨୪।୫(ବ୍ୟୁରୋ)

ପ୍ରତିଯୋଗିତା ମନୋଭାବ ନେଇ କାର୍ଯ୍ୟ କଲେ ସଫଳତା ମିଳିଥାଏ ବୋଲି ଓଡ଼ିଶା ବିଧାନସଭାର ଉପବାଚସ୍ପତି ରଜନୀକାନ୍ତ ସିଂହ ମତବ୍ୟକ୍ତ କରିଛନ୍ତି। ଦୈନିକ ଖବରକାଗଜ 'ସକାଳ' ଓ ନନ୍ଦିଘୋଷ ଟିଭି ପକ୍ଷରୁ ପରଧିଆପାଲିସ୍ଥ ଏମ୍ସ କଲେଜଠାରେ ଆୟୋଜିତ ମାଟ୍ରିକ ଉତ୍କର୍ଷ ସମ୍ମାନ-୨୦୨୩ ଉତ୍ସବରେ ମୁଖ୍ୟଅତିଥି ଭାବେ ଉପବାଚସ୍ପତି ସିଂହ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର ଉଦ୍‌ବୋଧନ ଦେଇ ପ୍ରତିଯୋଗିତାମୂଳକ ମନୋଭାବ ସହ ପାଠପଢ଼ାକୁ ଏକ ବ୍ରତ ଭାବରେ ଗ୍ରହଣ କଲେ ସଫଳତା ମିଳିଥାଏ ବୋଲି କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ପ୍ରଫେସର ଅର୍କ କୁମାର ଦାଶମହାପାତ୍ର ତାଙ୍କ ଅଭିଭାଷଣରେ ଓଡ଼ିଶାରେ ଶିକ୍ଷାର ମାନଦଣ୍ଡ ଓ ଗୁଣବତ୍ତା ବିଷୟରେ କହିଥିଲେ। ସମ୍ମାନିତ ଅତିଥି ଏମ୍ସ କଲେଜର ପ୍ରତିଷ୍ଠାତା ରାମପ୍ରସାଦ ପାତ୍ର ଛାତ୍ରଛାତ୍ରୀଙ୍କ ସଫଳତା ପାଇଁ ଅଭିନନ୍ଦନ ଜଣାଇଥିଲେ। ଉତ୍ସବରେ ସମ୍ବଲପୁର ଶାଖାର ମୁଖ୍ୟ ପରିଚାଳକ ନରୋତ୍ତମ ଗୁରୁ ଅଧ୍ୟକ୍ଷତା କରିଥିଲେ। 'ସକାଳ' ସମ୍ବଲପୁର ଜିଲା ପ୍ରତିନିଧି ବିମଳ କୃଷ୍ଣ ଥମ୍ବ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ପଶ୍ଚିମ ଓଡ଼ିଶାର ୧୦ ଜିଲା ଅନ୍ତର୍ଗତ ୮୭ ବ୍ଲକର ଟପ୍ପର, ୧୧ ଜଣ ଜିଲା ଟପ୍ପରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ୧୦ ଜିଲାର କୃତୀ ଛାତ୍ରୀଛାତ୍ର, ଅଭିଭାବକ, ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ।

## ଧାର୍ଯ୍ୟ ମୂଲ୍ୟରୁ ଅଧିକ ଦରରେ ମଦ ବିକ୍ରିକୁ ନେଇ ମାରପିଟ, ୨ ଆହତ

କୁଚିଣ୍ଡା,୨୪।୫(ଡି.ଏନ.ଏ.)

ବାମରା ବ୍ଲକ ମହୁଲପାଲି ଥାନା ଅନ୍ତର୍ଗତ କେଶାଇବାହାଲ ବିଦେଶୀ ମଦ ଦୋକାନରେ ଧାର୍ଯ୍ୟ ମୂଲ୍ୟରୁ ଅଧିକ ଦରରେ ମଦ ବିକ୍ରିକୁ ନେଇ ଗ୍ରାହକ ଓ କର୍ମଚାରୀଙ୍କ ମଧ୍ୟରେ ମାରପିଟ ହୋଇଛି। ଏଥିରେ ଗ୍ରାହକଙ୍କ ସହ ଜଣେ ଦୋକାନ କର୍ମଚାରୀ ଆହତ ହୋଇଛନ୍ତି। ଏହାକୁ ନେଇ ମହୁଲପାଲି ଥାନାରେ ଅଭିଯୋଗ ହୋଇଥିବା ବେଳେ ପରବର୍ତ୍ତୀ ସମୟରେ ଉଭୟ ପକ୍ଷଙ୍କ ମଧ୍ୟରେ ଆପୋଷ ସମାଧାନ ହୋଇଥିବା ପୋଲିସ ପକ୍ଷରୁ କୁହାଯାଇଛି। ମିଳିଥିବା ସୂଚନା ଅନୁସାରେ ବିଦେଶୀ ମଦ ବୋତଲରେ ମୁଦ୍ରିତ ମୂଲ୍ୟରେ ମଦ ବିକ୍ରୟ କରିବାକୁ ରାଜ୍ୟ ସରକାରଙ୍କ ଅବକାରୀ ବିଭାଗର ନିର୍ଦ୍ଦେଶ ରହିଥିଲେ ହେଁ ବାମରା ବ୍ଲକ ଅଞ୍ଚଳରେ ଥିବା ବିଦେଶୀ ମଦ ଦୋକାନଗୁଡିକରେ ଏହାର ଉଲ୍ଲଂଘନ ହେଉଥିବା ଅଭିଯୋଗ ହୋଇଛି। ସମ୍ବଲପୁର ଅବକାରୀ ଅଧୀକ୍ଷକଙ୍କୁ ଏ ନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ ବି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଥିବା ଚର୍ଚ୍ଚା ହେଉଛି। କେଶାଇବାହାଲରେ ଘଟିଥିବା ଘଟଣା ଏହାର ଜ୍ୱଳନ୍ତ ଉଦାହରଣ। ଏହି ମଦ ଦୋକାନକୁ ନୂଆଡ଼ିହି ଗ୍ରାମର ଜଣେ ଯୁବକ ବିୟର କିଣିବାକୁ ଆସିଥିଲେ। ମାତ୍ର ଦୋକାନୀ ଧାର୍ଯ୍ୟ ମୂଲ୍ୟଠାରୁ ଅଧିକ ଟଙ୍କା ଦାବି କରିବାକୁ ନେଇ ପାଟିତୁଣ୍ଡ ଓ ମାରପିଟ ହୋଇଥିଲା। ଏଥିରେ ସମ୍ପୃକ୍ତ ଯୁବକଙ୍କ ସହ ଜଣେ ଦୋକାନ କର୍ମଚାରୀ ଆହତ ହୋଇଥିଲେ। ଗ୍ରାହକ ଯୁବକଙ୍କ ପକ୍ଷରୁ ଏ ନେଇ ମହୁଲପାଲି ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ପୋଲିସ ମଙ୍ଗଳବାର ଉଭୟ ପକ୍ଷଙ୍କୁ ଥାନାକୁ ଡାକି ଆପୋସ ସମାଧାନ କରିଥିବା ଜଣାପଡିଛି। ଏ ସମ୍ପର୍କରେ ବାମରା ଅବକାରୀ ଅଧିକାରୀ ଫକୀର ମୋହନ ଦେହୁରିଙ୍କୁ ପଚାରିବାରେ ଏହାର ତଦନ୍ତ କରି ପଦକ୍ଷେପ ନେବେ ବୋଲି କହିଛନ୍ତି।

## ଜୁନ ୩ରେ ଜିଲା ରେଡ୍‌କ୍ରସର ବାର୍ଷିକ ବୈଠକ

ସମ୍ବଲପୁର,୨୪।୫(ବ୍ୟୁରୋ)

ଜିଲା ରେଡକ୍ରସ ଶାଖା ସମ୍ବଲପୁରର ବାର୍ଷିକ ସାଧାରଣ ବୈଠକ ଆସନ୍ତା ଜୁନ ୩ ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହେବ। ଏହି ବୈଠକ ନିମନ୍ତେ ଜିଲାର ସମସ୍ତ ଲାଇଫ ସଦସ୍ୟ ଓ ଅନ୍ୟ ବର୍ଗର ସଦସ୍ୟ ଯୋଗଦେବା ନିମନ୍ତେ ସୂଚନା ଦିଆଯାଇଛି। ବୈଠକରେ ୨୦୨୨-୨୩ର ବାର୍ଷିକ ରିପୋର୍ଟ, ଅଡିଟର ନିଯୁକ୍ତି ସହିତ ରେଡକ୍ରସ ସଂକ୍ରାନ୍ତରେ ଆଲୋଚନା କରାଯିବ। ସମସ୍ତ ସଦସ୍ୟ ଯୋଗଦେଇ ମତ ରଖିବାକୁ ରେଡକ୍ରସ ସମ୍ପାଦକ ଜୟ ଜର୍ଜ କହିଛନ୍ତି।

## କୁଚିଣ୍ଡାରେ ବ୍ଲକସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା




କର୍ମଶାଳାରେ ମଞ୍ଚାସୀନ ଅତିଥିମାନେ।

କୁଚିଣ୍ଡା,୨୪।୫(ଡି.ଏନ.ଏ.)

କୁଚିଣ୍ଡା ଟାଉନ ହଲଠାରେ କୁଚିଣ୍ଡା ଉଦ୍ୟାନ ବିଭାଗ ପକ୍ଷରୁ ବୁଧବାର ଏକଦିବସୀୟ ବ୍ଲକସ୍ତରୀୟ କୃଷି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କୁଚିଣ୍ଡା ବିଡିଓ ନିରଞ୍ଜନ ସା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। କୁଚିଣ୍ଡା ଉଦ୍ୟାନ ବିଭାଗ ସହକାରୀ ନିର୍ଦ୍ଦେଶକ ଅମ୍ବର ଲୁଗୁନଙ୍କ ସଭାପତିତ୍ୱରେ ହୋଇଥିବା କର୍ମଶାଳାରେ କୁଚିଣ୍ଡା ବ୍ଲକ କୃଷି ଅଧିକାରୀ ଶାନ୍ତନୁ କୁମାର କରାଲୀ, ଜମନକିରା ବ୍ଲକ ଉଦ୍ୟାନ କୃଷି ଅଧିକାରୀ ହିତେଶ କୁମାର ବଡ଼େଇ, କୁଚିଣ୍ଡା ବ୍ଲକ ବିପିଏମ୍ ଟିପେନ୍‌ସନ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଦ୍ୟାନ ବିଭାଗ ପକ୍ଷରୁ ଚାଷୀମାନଙ୍କୁ ପ୍ରଦାନ କରାଯାଉଥିବା ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ଆଲୋଚନା କରି ଉପସ୍ଥିତ ଚାଷୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ କୃଷିମିତ୍ର, ସଫଳ ଓ ଉଦ୍ୟୋଗୀ ଚାଷୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ କୁଚିଣ୍ଡା ସହକାରୀ ଉଦ୍ୟାନ ଅଧିକାରୀ କିଶୋର କୁମାର ବେହେରା ପରିଚାଳନା କରିଥିଲେ।

## ବିଧାୟକଙ୍କ ଦ୍ୱାରା ଯାତ୍ରା ମଣ୍ଡପ ଉଦ୍‌ଘାଟିତ

କୁଚିଣ୍ଡା,୨୪।୫(ଡି.ଏନ.ଏ.)

କୁଚିଣ୍ଡା ବ୍ଲକ ବାଉରୀଗୋଡା ପଞ୍ଚାୟତର ବାଉରୀଗୋଡା (ଅର୍ଜୁନବାଡ)ଠାରେ ନବନିର୍ମିତ ଯାତ୍ରା ମଣ୍ଡପକୁ ମଙ୍ଗଳବାର କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ ଉଦ୍‌ଘାଟନ କରିଛନ୍ତି। ୩ଟି ପର୍ଯ୍ୟାୟରେ ପ୍ରଦତ୍ତ ବିଧାୟକ ପାଣ୍ଠିରୁ ୧୦ଲକ୍ଷ ଟଙ୍କା ବିନିମୟରେ ଏହି ମଣ୍ଡପ ନିର୍ମାଣ ହୋଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଧାୟକ ନାଏକଙ୍କ ସହ କୁଚିଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷ ଭୁବନେଶ୍ୱର କିଷାନ, ଜିଲାପରିଷଦ ସଭ୍ୟ ଅଜିତ କୁମାର ମହାପାତ୍ର, ବାଉରୀଗୋଡା ସରପଞ୍ଚ ଗୋବର୍ଦ୍ଧନ ବାଘ, ସମିତିସଭ୍ୟ ପରେଶ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।

## ମହିନ୍ଦ୍ରା ଟିଭି ଶୋ'ରୁମରେ ଜିଏସ୍‌ଟି ଚଢ଼ାଉ

ବ୍ରଜରାଜନଗର,୨୪।୫(ଡି.ଏନ.ଏ.): ବ୍ରଜରାଜନଗର ସହରରେ ଥିବା ମେସର୍ସ ମହେନ୍ଦ୍ର ଓ ଏମ୍‌ଏମ ଇଲୋକ୍ଟ୍ରୋନିକ୍ସର ୪ ଦୋକାନ ସମେତ ଘରେ ବୁଧବାର ଜିଏସ୍‌ଟି ବିଭାଗ ତରଫରୁ ଚଢ଼ାଉ କରାଯାଇଛି। ଜିଏସ୍‌ଟିର ୫ଟି ଦଳ ବ୍ରଜରାଜନଗର ସହରରେ ଥିବା ଦୋକାନ ଓ ଘର ସମେତ ଝାରସୁଗୁଡ଼ା ସରବାହାଲ, ବେହେରାମାଲ ଓ ବନ୍ଧବାହାଲସ୍ଥିତ ଦୋକାନରେ ଚଢ଼ାଉ କରିଥିବା ସୂଚନା ମିଳିଛି। ଡେପୁଟି କମିଶନର ଜିଏସ୍‌ଟି ଏନଫୋର୍ସମେଣ୍ଟ ଝାରସୁଗୁଡ଼ା ସତୀଶ ଜାଲଙ୍କ ନେତୃତ୍ୱରେ ସମ୍ବଲପୁର ଓ ଝାରସୁଗୁଡ଼ା ଜିଏସ୍‌ଟି ବିଭାଗର ୧୫ ଜଣ ଅଧିକାରୀ, ୧୦ ଜଣ ପୋଲିସ ଏହି ଚଢ଼ାଉରେ ସାମିଲ ଅଛନ୍ତି। ଅଭିଯୋଗକୁ ଭିତ୍ତି କରି ଏହି ଚଢ଼ାଉ ହୋଇଥିବା ଡେପୁଟି କମିଶନର ଜାଲ ସୂଚନା ଦେଇଛନ୍ତି।

## ଦେବ ଦାସ ବ୍ରଜରାଜନଗର ଟ୍ରକ୍ ମାଲିକ ସଂଘ ସଭାପତି

ବ୍ରଜରାଜନଗର,୨୪।୫ (ଡି.ଏନ.ଏ.)

ବ୍ରଜରାଜନଗର ଟ୍ରକ୍ ମାଲିକ ସଂଘ ନିର୍ବାଚନ ଶେଷ ହୋଇଛି। ଏଥିରେ ସଭାପତି ଭାବରେ ଦେବପ୍ରସାଦ ଦାସ ନିର୍ବାଚିତ ହୋଇଛନ୍ତି। ଦେବପ୍ରସାଦ ୪୧୯ଖଣ୍ଡ ଭୋଟ ପାଇଥିବାବେଳେ ପ୍ରତିଦ୍ୱନ୍ଦୀ ସତୀଶ ସିଂ ୨୦୫ଖଣ୍ଡ ଭୋଟ ପାଇ ହାରିଯାଇଛନ୍ତି। ସେହିପରି ସାଧାରଣ ସମ୍ପାଦକ ଭାବରେ ଧନଞ୍ଜୟ ସିଂହ, ସହସମ୍ପାଦକ ମଧୁସୂଦନ ସିଂ, ଉପସଭାପତି ଅରୁଣ ଯାଦବ ଓ କୋଷାଧ ଭାବରେ ରାଜୀବ ସିଂହ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ଅଧିକାରୀ ଭାବରେ ବରିଷ୍ଠ ଆଇନଜୀବୀ ବିଶ୍ୱନାଥ ନାୟକ ଦାୟିତ୍ୱ ନିର୍ବାହ କରିଥିଲେ। ସ୍ଥାନୀୟ ଏସ୍‌ଡିପିଓ ଚିନ୍ତାମଣି ପ୍ରଧାନଙ୍କ ତତ୍ତ୍ୱାବଧାନରେ ବ୍ରଜରାଜନଗର ଓ ଓରିଏଣ୍ଟ ଥାନା ପୋଲିସ ମୃତୟନ ଥିଲେ। ସକାଳ ୮ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ମତଦାନ ହୋଇଥିଲା। ଟ୍ରକ୍ ମାଲିକଙ୍କ ସମସ୍ୟା ପ୍ରତି ଗୁରୁତ୍ୱ ଦେଇ କାର୍ଯ୍ୟ କରିବେ ବୋଲି ସଭାପତି ଦାସ ପ୍ରକାଶ କରିଛନ୍ତି।



ଖୁସି ମନାଉଛନ୍ତି ନବନିର୍ବାଚିତ କର୍ମକର୍ତ୍ତା।

## ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ

ଦେବଗଡ଼,୨୪।୫(ଡି.ଏନ୍.ଏ.)




ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକରେ ଉପସ୍ଥିତ ଅଧିକାରୀ।

ଆଗାମୀ ମୌସୁମୀ ପ୍ରବାହକୁ ଦୃଷ୍ଟିରେ ରଖି ସମ୍ଭାବ୍ୟ ବନ୍ୟା, ବାତ୍ୟା ପରିସ୍ଥିତିର ମୁକାବିଲା ପାଇଁ ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟିର ଏକ ପ୍ରସ୍ତୁତି ବୈଠକ ଜିଲାପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସୋମଶ କୁମାର ଉପାଧ୍ୟାୟ ଏଥିରେ ଅଧକ୍ଷତା କରିଥିଲେ। ବୈଠକରେ ଦେବଗଡ଼ ବନଖଣ୍ଡ ଅଧିକାରୀ ମଗର ଧନାଜି ରାଓସୋ, ଅତିରିକ୍ତ ଜିଲାପାଳ ରେବିକା ବିଲୁଙ୍ଗ, କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲାପରିଷଦ ଲୁକାସ୍ ପ୍ରଧାନ, ଉପଜିଲାପାଳ ବ୍ରଜବନ୍ଧୁ ଭୋଇ ଉପସ୍ଥିତ ଥିଲେ। ଜିଲାପାଳ ଉପାଧ୍ୟାୟ ସମ୍ଭାବ୍ୟ ବନ୍ୟା ଓ ବାତ୍ୟା ପରିସ୍ଥିତିର ମୁକାବିଲା ପାଇଁ ସମସ୍ତ ବିଭାଗ ସଜାଗ ରହିବା ସହ ପରିସ୍ଥିତିର ସମ୍ମୁଖୀନ ହେବା ନିମନ୍ତେ ଯଥେଷ୍ଟ ପୂର୍ବରୁ ନିଜ ନିଜର ବିଭାଗ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରି ରଖିବାକୁ ପରାମର୍ଶ ଦେଇଥିଲେ। କୃଷି ବିଭାଗ, ଶକ୍ତି ବିଭାଗ, ପ୍ରାଣୀ ସମ୍ପଦ ବିଭାଗ, ମତ୍ସ୍ୟ ବିଭାଗ, ଯୋଗାଣ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ପୌରପରିଷଦ, ବନଖଣ୍ଡ ବିଭାଗ, ପଞ୍ଚାୟତିରାଜ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକାରୀ ସମ୍ଭାବ୍ୟ ପରିସ୍ଥିତିର ମୁକାବିଲା ନିମନ୍ତେ ନିଜ ବିଭାଗ ପ୍ରସ୍ତୁତି ଉପରେ ସୂଚନା ପ୍ରଦାନ କରିଥିଲେ। ଜିଲାପାଳ ଉପାଧ୍ୟାୟ ଦୁର୍ଗମ ଅଞ୍ଚଳରେ ଆବଶ୍ୟକୀୟ ଖାଦ୍ୟ ସାମଗ୍ରୀ, କିରୋସିନ ଆଦି ଗଚ୍ଛିତ କରି ରଖିବାକୁ ପରାମର୍ଶ ଦେବା ସଙ୍ଗେ ସଙ୍ଗେ କୃଷି କାର୍ଯ୍ୟ ନିମନ୍ତେ ଆବଶ୍ୟକ ବିହନ, କୀଟନାଶକ ଔଷଧ ଓ ସାର ମହଜୁଦ କରି ରଖିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବର୍ଷା ପୂର୍ବରୁ ଦୁର୍ବଳ ଥିବା ବନ୍ଧ, ପୋଲ ଏବଂ ରାସ୍ତା ଯୁଦ୍ଧକାଳୀନ ଭିତରେ ମରାମତି କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ଏହା ବ୍ୟତୀତ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ନିମନ୍ତେ ନଳକୂପ ଗୁଡ଼ିକର ବିଶୋଧନ ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲା ସଦରମହକୁମା ମୁଖ୍ୟ ଚିକିତ୍ସାଳୟ ଓ ଡାକ୍ତରଖାନା ସମେତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକରେ ଅତ୍ୟାବଶ୍ୟକ ଔଷଧ , ଓଆର୍‌ଏସ୍ ଓ ସାପ କାମୁଡା ଇଞ୍ଜେକ୍ସନ୍ ମହଜୁଦ ରଖିବା ନିମନ୍ତେ ପରାମର୍ଶ ଦେଇଥିଲେ। ବୈଠକରେ ପୌର ପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଇ, ରିଆମାଳ ବ୍ଲକ ଚେୟାରମ୍ୟାନ ମଧୁସୂଦନ ପ୍ରଧାନ, ବିଧାୟକଙ୍କ ନୋମିନି, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ଓ ଜିଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ। ବୈଠକ ପ୍ରାରମ୍ଭରେ ଜିଲା ଜରୁରୀକାଳୀନ ଅଧିକାରୀ ସୁଶାନ୍ତ ନାୟକ ପ୍ରାରମ୍ଭିକ ସୂଚନା ଦେବା ସହ ଧନ୍ୟବାଦ ଦେଇଥିଲେ।

